

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୪ ନଭେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 14 NOVEMBER 2021

Vol.No. 32 ■ No. 290 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ପ୍ରକାଶ ପାଇଛି ଏବର୍ଷର ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଉଗ୍ରବାଦୀଙ୍କ ବର୍ବର କାଣ୍ଡ : କମାଣ୍ଡିଂ ଅଫିସରଙ୍କ ସମେତ ୫ ଯବାନ ସହୀଦ

ନୂଆଦିଲ୍ଲୀ,୧୩/୧୧: ମଣିପୁରରେ ବଡ ଉଗ୍ରବାଦୀ ଆକ୍ରମଣ । ସେନା ଉପରେ ଉଗ୍ରବାଦୀ କରିଛନ୍ତି ବଡ ଆକ୍ରମଣ । ଆକ୍ରମଣ ରେ ଗଲା କମାଣ୍ଡିଙ୍ଗ ଅଫିସରଙ୍କ ଜୀବନ । ୩ ଜବାନଙ୍କ ସହ ୬ ଜଣଙ୍କ ଜୀବନ ଗଲା । ମଣିପୁର ଚୁରାଚାନ୍ଦପୁର ଜିଲ୍ଲା ର ସିଘାଟରୁ ଆସିଲା ଭୟାନକ ଖବର । ଆସାମ ରାଇଫଲସ ର କମାଣ୍ଡିଙ୍ଗ ଅଫିସରଙ୍କ ଟିମ ଉପରେ ଆତଙ୍କୀମାନେ କରିଛନ୍ତି ଆକ୍ରମଣ । ମଣିପୁରରେ ସେନାର ଏକ ଟିମ୍ ଉପରେ ଆତଙ୍କୀ ଆକ୍ରମଣ । ପୂର୍ବରୁ ଯୋଜନା ପ୍ରସ୍ତୁତ କରି ୪୬ ଆସାମ ରାଇଫଲସ୍ର ଏକ ଟ୍ରୁପ ଉପରେ ଆଇଡି ଆଟାକ ସହ ଗୁଳି ବର୍ଷଣ କରିଛନ୍ତି ଉଗ୍ରବାଦୀମାନେ । ଏହି ଘଟଣାରେ ୪ ଯବାନଙ୍କ ସମେତ ଆସାମ ରାଇଫଲସ ର କମାଣ୍ଡିଙ୍ଗ ଅଫିସର ତାଙ୍କ ପତ୍ନୀ ଓ ୬ ବର୍ଷ ପୁଅର ମଧ୍ୟ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ମଣିପୁରର ଚୁରାଚାନ୍ଦପୁର ଜିଲ୍ଲାର ସିଂଘାଟ୍ ଗାଁରେ ଏହି ଅଭାବନୀୟ ଘଟଣା ଘଟିଛି । ଶନିବାର ସକାଳ ୧୦ଟାରେ ୪୬ ଆସାମ ରାଇଫଲ୍ସର କମାଣ୍ଡିଂ ଅଫିସରଙ୍କ ଟିମ୍ ଉପରେ ଉଗ୍ରବାଦୀମାନେ ହଠାତ୍ ଆକ୍ରମଣ କରିଥିଲେ । ପ୍ରଥମେ ଆଇଡି ଓ ପରେ ଏକେ ୪୭ ଦ୍ୱାରା ଆଖିବୁଜା ଗୁଳିଚାଳନା କରିଥିଲେ ଉଗ୍ରବାଦୀ । ଘଟଣା ସ୍ଥଳରେ କମାଣ୍ଡିଂ ଅଫିସର ତାଙ୍କ ପତ୍ନୀ ଓ ୬ ବର୍ଷର ପୁଅ ସମେତ କୁଇକ୍ ଆକ୍ସନ୍ ଟିମ୍ର ୪ ଯବାନ ପ୍ରାଣ ହରାଇଛନ୍ତି । ୪ ଅନ୍ୟଜଣ ଯବାନ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ଆକ୍ରମଣ ପଛରେ ମଣିପୁର ପିପୁଲ୍ସ ଲିବରେସନ୍ ଆର୍ମିର ହାତ ଥିବା ଜଣା ପଡିଛି । ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ମଣିପୁର ମୁଖ୍ୟମନ୍ତ୍ରୀ ଏନ ବିରେନ ସିଂହ । ଯବାନଙ୍କ ଉପରେ ଆକ୍ରମଣକୁ କଡା ନିନ୍ଦା କରିବା ସହ ଏଭଳି ଆକ୍ରମଣ ଭିଆଇ ଥିବା ବ୍ୟକ୍ତିଙ୍କୁ ଭୀରୁ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ବିରେନ ସିଂହ । ସେହିପରି ପ୍ରତିରକ୍ଷା ମନ୍ତ୍ରୀ ମଧ୍ୟ ଟ୍ୱିଟ କରି ଘଟଣାର ନିନ୍ଦା କରିଛନ୍ତି । ଘଟଣାଟି ଅତ୍ୟନ୍ତ ଦୁଃଖ ଦାୟକ ବୋଲି କହିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ । ମଣିପୁର ପିପୁଲ୍ସ ଲିବରେସନ୍ ଆର୍ମିର ଗଠନ ୧୯୭୮ରେ ହୋଇଥିଲା । ଏହି ସଙ୍ଗଠନା ସ୍ୱତନ୍ତ୍ର ମଣିପୁରର ଦାବି କରି ଆସୁଛି । ସଙ୍ଗଠନକୁ ଭାରତ ସରକାର ଏକ ଆତଙ୍କୀ ସଙ୍ଗଠନ ଭାବେ ଘୋଷଣା କରି ସାରିଛି । ଆଉ ଏହି ଆତଙ୍କୀ ସଙ୍ଗଠନର ଆକ୍ରମଣରେ ୫ ଯବାନ ସହୀଦ ହେବା ସହ ଏକ ପରିବାର ବଳି ପଡିଛି । ପୂର୍ବରୁ ବି ଅନେକ ଥର ଏଭଳି ଷଡଯନ୍ତ୍ର କରି ଭାରତୀୟ ଯବାନଙ୍କ ଉପରେ ଆକ୍ରମଣ କରିଛି ପିପୁଲ୍ସ ଲିବରେସନ୍ ଆର୍ମି ।

ଘଞ୍ଚ ଜଙ୍ଗଲରେ ମିଳିଲା ବଡ଼ ସଫଳତା, ୨୬ ମାଓବାଦୀ ସଫା

ନାଗପୁର,୧୩/୧୧ (ନି.ପ୍ର): ମହାରାଷ୍ଟ୍ରର ଗଡ଼ଚିରୋଲିରେ ପୁଲିସ୍ ପକ୍ଷରୁ କରାଯାଉଥିବା ମାଓବାଦୀ ବିରୋଧୀ ଅପରେସନକୁ ମିଳିଛି ସବୁଠାରୁ ବଡ଼ ସଫଳତା । ଶନିବାର ସକାଳୁ ପୁଲିସ୍ର ସି-୬୦ କମାଣ୍ଡୋଙ୍କ ଅପରେସନରେ ୨୬ ଜଣ ମାଓବାଦୀ ନିହତ ହୋଇଛନ୍ତି । ଆଜି ସକାଳ ୬.୩୦ରୁ କୋଟଗୁଲ-ଗ୍ୟାରପଟ୍ଟି ପାଖରେ ଥିବା ଜଙ୍ଗଲରେ କମାଣ୍ଡୋଙ୍କ ପକ୍ଷରୁ ଜାରି ରହିଥିବା ଅପରେସନରେ ଏତେ ସଂଖ୍ୟକ ମାଓବାଦୀଙ୍କ ମୁଣ୍ଡ ଗଡ଼ିଛି । ଏବେ ଜଙ୍ଗଲରେ ସର୍ଚ୍ଚ ଅପରେସନ ଜାରି ରହିଛି । ଗଡ଼ଚିରୋଲି ଏସ୍ପି ଅଙ୍କିତ ଗୋୟଲ କହିଛନ୍ତି, ଆଜି ସକାଳୁ ଅତରିକ୍ତ ଏସ୍ ?ପି ସୌମ୍ୟ ମୁଣ୍ଡେଙ୍କ ନେତୃତ୍ୱରେ ସି-୬୦ କମାଣ୍ଡୋଙ୍କ ପକ୍ଷରୁ ଜଙ୍ଗଲରେ ସର୍ଚ୍ଚ ଅପରେସନ କରାଯାଇଥିଲା । ତେବେ ମାଓବାଦୀମାନେ ଏହା ଜାଣି ପାରି କମାଣ୍ଡୋଙ୍କ ଉପରେ ଗୁଳି ବର୍ଷା କରିଥିଲେ । କମାଣ୍ଡୋମାନେ ମଧ୍ୟ ଏହାର ଜବାବ ଦେଇଥିଲେ । ସକାଳ ପ୍ରାୟ ୬.୩୦ରୁ ହିଁ ଗୁଳି ବିନିମୟ ଆରମ୍ଭ ହୋଇଥିଲା । ଘଞ୍ଚ ଜଙ୍ଗଲରେ ଦୀର୍ଘ ଘଣ୍ଟା କାଳ ଯବାନମାନେ ମାଓବାଦୀଙ୍କ ସହ ଲଢ଼େଇ କରିଥିଲେ । ଏବେ ସୁଦ୍ଧା ୨୬ ଜଣ ମାଓବାଦୀଙ୍କ ମୃତଦେହ ମିଳିଛି । ସେହିପରି ଏନକାଉଣ୍ଟର ବେଳେ ୪ ଜଣ ଯବାନ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ▶▶ପୃଷ୍ଠା ୭

ମମିତା ମେହେର ହତ୍ୟା ଘଟଣା: ପୋଲିସ୍ କେସ୍‌କୁ ଦୁର୍ବଳ କରୁଛି : ବିଜୟ ମହାପାତ୍ର

ଭୁବନେଶ୍ୱର,୧୩/୧୧(ନି.ପ୍ର): ମମିତା ମେହେର ହତ୍ୟାକାଣ୍ଡ ଘଟଣାକୁ ମାସେ ବିତି ଥିବା ବେଳେ ପୋଲିସ୍ ର ତଦନ୍ତ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବରିଷ୍ଠ ବିଜେପି ନେତା ବିଜୟ ମହାପାତ୍ର ବରିଷ୍ଠ ବିଜେପି ନେତା ବିଜୟ ମହାପାତ୍ର । ବିଜୟ ମହାପାତ୍ର କହିଛନ୍ତି, କଳାହାଣ୍ଡିର ଏହି ନୃଶଂସ ଓ ବିଭତ୍ସ ହତ୍ୟାକାଣ୍ଡ ନେଇ ସମଗ୍ର ରାଜ୍ୟ ଦୋହଲି ଉଠିଛି। ଏହି ମାସକ ଭିତରେ ତଦନ୍ତ ଠିକ ବାଟରେ ହେଉଥିବା ମନେ ହେଉନି । ମମିତାର ଚରିତ୍ର ସଂହାର କେହି ବି ଓଡ଼ିଶାର କରି ନାହାନ୍ତି କି କୌଣସି ରାଜନୈତିକ ଦଳ ବି କରିନି, ବରଂ ମମିତା ମେହେର ଗୋଟିଏ ଘଟଣାକୁ ସାମ୍ନାକୁ ଆଣିବା ପାଇଁ ବଳିଦାନ ଦେଇ ଦେଲା । ମାତ୍ର ଏହାକୁ ନେଇ ମିଥ୍ୟା ଅଭିଯୋଗ କରାଯାଉଛି । ମାସେ ମଧ୍ୟରେ ଅନୁସନ୍ଧାନ କେଉଁ ଦିଗକୁ ଗଲା । ପ୍ରତିବାଦ ଭିନ୍ନ କଥା । ମାସକ ଭିତରେ ପୁଲିସ କେତେବାଟ ତଦନ୍ତ କରିଛି ତାହା ସମସ୍ତେ ଜାଣିବାକୁ ଚାହୁଁଛନ୍ତି। ଏତଲା କୋର୍ଟକୁ ଆସିବାକୁ ୩ ଦିନ ଲାଗିଲା ଏହାର ଉତର କିଏ ଦେବ ? ଆଇନ କହୁଛି ଏତଲା ସଙ୍ଗେ ସଙ୍ଗେ କୋର୍ଟ ଆସିବ। ସିନ୍ଧେଇକେଲା ▶▶ପୃଷ୍ଠା ୭

ପ୍ରତିକ୍ରିୟା ରଖିଲେ କଙ୍ଗନା ରଣାଓ୍ୱତ : ଭୁଲ କହିଥିଲେ ପଦ୍ମଶ୍ରୀ ସମ୍ମାନ ଫେରାଇଦେବି

ନୂଆଦିଲ୍ଲୀ,୧୩/୧୧: ଭାରତ ସ୍ୱାଧିନତା ଉପରେ ବିବାଦୀୟ ବୟାନ ଦେଇଥିବା ବଲିଉଡ୍ ଅଭିନେତ୍ରୀ କଙ୍ଗନା ରଣାଓ୍ୱତଙ୍କ ବିରୋଧରେ ଅସନ୍ତୋଷ ବଢିବାରେ ଲାଗିଛି । ବିଭିନ୍ନ ମହଲରୁ ସମାଲୋଚନାର ଶୀକାର ହେଉଛନ୍ତି ବଲିଉଡ୍ କୁଇନ୍ । ଆଉ ଯାହାକୁ ନେଇ ସଫେଇ ଦେଇଛନ୍ତି କଙ୍ଗନା । ନିଜ ଇଂଷ୍ଟାଗ୍ରାମ୍ରେ ସଫେଇ ରଖି ସ୍ୱାଧିନତା ସମୟର କିଛି ତଥ୍ୟ ସେୟାର କରିଛନ୍ତି । ଆଉ ଲେଖିଛନ୍ତି, ମୁଁ ଭୁଲ ହୋଇଥିଲେ ପଦ୍ମଶ୍ରୀ ଫେରାଇ ଦେବି । ସୋସିଆଲ ମିଡିଆରେ ସମାଲୋଚନାର ଶୀକାର ହେବା ପରେ ଏବେ ମୁହଁ ଖୋଲିଛନ୍ତି ଅଭିନେତ୍ରୀ କଙ୍ଗନା ରଣାଓ୍ୱତ । ନିଜ ଇଂଷ୍ଟାଗ୍ରାମ ଷ୍ଟୋରି କରିଆରେ ସ୍ୱାଧିନତା ସମୟର କିଛି ତଥ୍ୟ ସେୟାର କରି କଙ୍ଗନା କହିଛନ୍ତି, ମୁଁ ଯଦି ଭୁଲ ହୋଇଥାଏ ତାହାଲେ ପଦ୍ମଶ୍ରୀ ଫେରାଇ ଦେବି । କଙ୍ଗନା ଲେଖିଛନ୍ତି " ମୁଁ ଏକା ନୁହେଁ ଯିଏ, କଂଗ୍ରେସକୁ ଭିକାରୀ ବୋଲି କହୁଛି, ଇତିହାସରେ ଅନେକ ବଡ ବଡ ସ୍ୱାଧିନତା ସଂଗ୍ରାମୀ ମଧ୍ୟ କଂଗ୍ରେସକୁ ଭିକାରୀ ବୋଲି କହିଛନ୍ତି । ୧୮୫୭ରେ ଯେଉଁ ଯୁଦ୍ଧ ହୋଇଥିଲା ସେ ବିଷୟରେ ମୁଁ ଜାଣିଛି । ମାତ୍ର ୧୯୪୭ରେ ଯେଉଁ ଯୁଦ୍ଧ ହୋଇଥିଲା, ▶▶ପୃଷ୍ଠା ୭

ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ କଲରେକଡର୍ସ ଯାଂଚ କରାଯାଉ : ଭକ୍ତ ଦାସ

ଭୁବନେଶ୍ୱର,୧୩/୧୧ (ନି.ପ୍ର): ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ସମ୍ପୃକ୍ତି ନେଇ ପୁଣି ଥରେ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସର ବରିଷ୍ଠ ନେତା ଭକ୍ତଚରଣ ଦାସ । ସେହି ସମୟରେ ମନ୍ତ୍ରୀଙ୍କର ସମସ୍ତ ଗସ୍ତ ସୂଚୀ ଓ ତାଙ୍କ ଡ୍ରାଇଭର, ପିଏ ଏବଂ ଅନ୍ୟାନ୍ୟ କେତେଜଣ ଘନିଷ୍ଠ ବନ୍ଧୁମାନଙ୍କର ଫୋନ୍‌କଲ ରେଜିଷ୍ଟରକୁ ସରକାର ଯାଂଚ କରନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି। ପ୍ରଦେଶ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ସେ ସାଂସଦ ଥିବାବେଳେ ମହାଲିଙ୍ଗ କଲେଜକୁ ଆଂଚଳିକ ପାଣ୍ଠିରୁ ଅର୍ଥ ସାହାଯ୍ୟ କରିବା ସହ ୪ ଥର କଲେଜରେ ବାର୍ଷିକ ଉତ୍ସବରେ ଯୋଗଦେଇଥିଲେ। କିନ୍ତୁ ମନ୍ତ୍ରୀ ଦିବ୍ୟଶଙ୍କର ଏଭଳି ଏକ ଅନୁଷ୍ଠାନକୁ ରଙ୍ଗଶାଳାରେ ପରିଣତ କରିବା ତାଙ୍କୁ ବ୍ୟଥିତ ଓ ଆଶ୍ଚର୍ଯ୍ୟ ଚକିତ କରିଛି । ମନ୍ତ୍ରୀ ମମିତା ନିଖୋଜ ପୂର୍ବରୁ ଏବଂ ମମିତା ନିଖୋଜ ପରେ କେଉଁ କେଉଁ ଯାଗାକୁ ▶▶ପୃଷ୍ଠା ୭

ପ୍ରଦୂଷଣରେ ବେହାଲ ଦିଲ୍ଲୀ : ସପ୍ତାହେ ସ୍କୁଲ ବନ୍ଦ

ନୂଆଦିଲ୍ଲୀ,୧୩/୧୧: ପ୍ରଦୂଷଣ ଯୋଗୁଁ ଦିଲ୍ଲୀରେ ପରିସ୍ଥିତି ଖରାପ ହୋଇଚାଲିଛି । ଏହାକୁ ନଜରରେ ରଖି ଦିଲ୍ଲୀ ସରକାର ବଡ ପଦକ୍ଷେପ ନେଇଛନ୍ତି । ଦିଲ୍ଲୀରେ ସପ୍ତାହେ ଯାଏଁ ସ୍କୁଲ ବନ୍ଦ ଘୋଷଣା କରାଯାଇଛି । ସୋମବାରରୁ ସପ୍ତାହେ ଯାଏଁ ସ୍କୁଲ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏନେଇ ଟ୍ୱିଟ କରି ସୂଚନା ଦେଇଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ । ସେହିପରି ନଭେମ୍ବର ୧୪ରୁ ୧୭ ତାରିଖ ଯାଏଁ ନିର୍ମାଣ କାମ ବନ୍ଦ କରିବାକୁ କୁହାଯାଇଛି । ସରକାରୀ କର୍ମଚାରୀଙ୍କୁ ୭ ଦିନ ୱାର୍କ ଫ୍ରମ ହୋମ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାସହ ପ୍ରାଇଭେଟ ଅଫିସମାନଙ୍କୁ ମଧ୍ୟ ୱାର୍କ ଫ୍ରମ ହୋମ କରିବାକୁ ପରାମର୍ଶ ଦେଇଛନ୍ତି କେଜ୍ରିୱାଲ ସରକାର ।

ପ୍ରବଳ ବର୍ଷା ସମ୍ଭାବନା, ୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର,୧୩/୧୧(ନି.ପ୍ର): ଥାଇଲାଣ୍ଡ ଓ ଦକ୍ଷିଣ ଆଣ୍ଡାମାନ ସାଗର ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଆସନ୍ତା ୧୫ ତାରିଖ ସୁଦ୍ଧା ଏହା ଅବପାତର ରୂପ ନେଇ ଉତର ଆଣ୍ଡାମାନ ଉପକୂଳ ଓ ତତସଂଲଗ୍ନ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ପହଂଚିବ ବୋଲି ଅନୁମାନ କରାଯାଉଛି । ପରେ ଆନ୍ଧ୍ର ପ୍ରଦେଶ ଉପକୂଳ ଦେଇ ୧୮ ତାରିଖ ସନ୍ଧ୍ୟାରେ ଅତିକ୍ରମ କରିବ । ଏହାର ପ୍ରଭାବରେ ଆନ୍ଧ୍ରରେ ପ୍ରବଳ ବର୍ଷା ଏବଂ ଦକ୍ଷିଣ ଓଡ଼ିଶାରେ ମଧ୍ୟ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହା ବ୍ୟତୀତ ଉପକୂଳ ଓ ଆଭ୍ୟନ୍ତରୀଣ ଓଡିଶାର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୧୪ ତାରିଖ ସକାଳ ମଧ୍ୟରେ ଖୋର୍ଦ୍ଧା, ପୁରୀ, ଗଂଜାମ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ନୟାଗଡ, ଗଜପତି, କଟକ ଓ ଜଗତସିଂହପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏହି ଜିଲ୍ଲାଗୁଡିକୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୧୪ରୁ ୧୫ ତାରିଖ ମଧ୍ୟରେ ପୁରୀ, ଜଗତସିଂହପୁର,ଗଂଜାମ,କଟକ,ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବାରୁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

ବିଶ୍ୱାସ ଜିତିଲେ ରିକ୍ସାବାଲା : ସ୍ୱାମୀ ଓ ଝିଅ ଚାଲିଗଲା ପରେ ରିକ୍ସାବାଲା ନାଁରେ ସବୁ ସମ୍ପତ୍ତି କରିଦେଲେ ବୃଦ୍ଧା

ଭୁବନେଶ୍ୱର,୧୩/୧୧(ନି.ପ୍ର): ସମ୍ପତ୍ତି ପାଇଁ ବାପ ପୁଅ ଓ ଭାଇ ଭାଇ ମଧ୍ୟରେ ଝଗଡା ଲାଗୁଛି । ହେଲେ ରକ୍ତ ସଂପର୍କ ନହୋଇ ମଧ୍ୟ ଜଣେ ରିକ୍ସାଚାଳକଙ୍କୁ ନିଜର ପ୍ରାୟ କୋଟିଏ ଟଙ୍କାର ସମ୍ପତ୍ତିର ଉତ୍ତରାଧିକାରୀ କରିଦେଇଛନ୍ତି ଜଣେ ବୃଦ୍ଧା । ଏମିତି ଏକ ନିଆରା ପଦକ୍ଷେପ ନେଇ ଚର୍ଚ୍ଚାରେ କଟକ ସହରର ସୂତାହାଟ ଅଞ୍ଚଳର ମିନତୀ ପଟ୍ଟନାୟକ । ନାଁ ମିନତୀ ପଟ୍ଟନାୟକ , ଘର ହେଉଛି ସୂତାହାଟ, କଟକ ସହର । ସମ୍ପର୍କର ନିଆରା ଉଦାହରଣ ସୃଷ୍ଟି କରି ଏବେ ଚର୍ଚ୍ଚାରେ କଟକର ଏହି ବୃଦ୍ଧା । ୬ମାସ ଭିତରେ ଆଗପଛ ହୋଇ ସ୍ୱାମୀ ଓ ଝିଅ ଚାଲିଗଲା ପରେ, ବୟସର ଅପରାହ୍ନରେ ପହଁଚିଥିବା ମିନତୀ, ଜଣେ ରିକ୍ସାବାଲାକୁ କଟକ ସହରରେ ଥିବା ତିନି ମହଲା ବିଶିଷ୍ଟ ଘର, ଆସବାବପତ୍ର ଓ ସୁନାଗହଣା ଟେକି ଦେଇଛନ୍ତି । ଯାହାର ମୂଲ୍ୟ ପ୍ରାୟ କୋଟିଏରୁ ଅଧିକ ହେବ ବୋଲି କୁହାଯାଉଛି । ଆଉ ଜୀବନର ଶେଷ ପର୍ଯ୍ୟନ୍ତ ରିକ୍ସାବାଲାର ପରିବାର ସହ ରହିବା ପାଇଁ ନିଷ୍ପତି ନେଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛନ୍ତି । ▶▶ପୃଷ୍ଠା ୭

ଡକ୍ଟର ମମତା ସାହୁଙ୍କ କବିତା ପୁସ୍ତକ 'ରାତି ପାହିଗଲେ' ଉନ୍ମୋଚିତ

ବାଲେଶ୍ୱର,୧୩/୧୧(ନି.ପ୍ର): ବାଲେଶ୍ୱରର ଧ୍ୱନିପ୍ରତିଧ୍ୱନି କାର୍ଯ୍ୟାଳୟ ପରିସରରେ ଓଡ଼ିଶାର ଅନ୍ୟତମ ଅଗ୍ରଣୀ ପ୍ରକାଶନ ସଂସ୍ଥା ସୁବର୍ଣ୍ଣଶ୍ରୀ ପ୍ରକାଶନୀ ପକ୍ଷରୁ ଅଧ୍ୟାପିକା କବି ଡକ୍ଟର ମମତା ସାହୁଙ୍କ ପ୍ରଥମ କବିତା ପୁସ୍ତକ 'ରାତି ପାହିଗଲେ' ନିରାଡମ୍ବର ଭାବରେ ଉନ୍ମୋଚିତ ହୋଇଯାଇଛି । ବଉଳା ଡିଗ୍ରୀ ମହାବିଦ୍ୟାଳୟ ସୋସ, କେଉଁଝରର ସମାଜ ବିଜ୍ଞାନ ଅଧ୍ୟାପିକା ଡକ୍ଟର ମମତା ସାହୁଙ୍କ ୫୩ଟି କବିତାର ସଂକଳନ 'ରାତି ପାହିଗଲେ'କୁ ଧ୍ୱନିପ୍ରତିଧ୍ୱନି ଓ ସାଗରିକାର ସମ୍ପାଦିକା କବି ସୈରିନ୍ଧ୍ରୀ ସାହୁ ଉନ୍ମୋଚନ କରି ମମତାଙ୍କ କବିତାରେ ବ୍ୟକ୍ତିଜୀବନ ଓ ସମାଜ ପାଇଁ ଥିବା ଗଭୀର ଅନ୍ତର୍ଚେତନାର ବାର୍ତ୍ତାକୁ ଭୂୟସୀ ପ୍ରଶଂସା କରିଥିଲେ । ପୁସ୍ତକର ପ୍ରକାଶକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ କବି କାଳୀପଦ ପଣ୍ଡା ମମତାଙ୍କ କବିତାର ସଂକ୍ଷିପ୍ତ ଆଲୋଚନା କରି କବିଙ୍କ ମନଗହନରେ ଉଠିଥିବା ସ୍ୱପ୍ନ ଓ ସ୍ୱପ୍ନଭଂଗ, ଦେହଦହନ, ପ୍ରେମପ୍ରଣୟ ସହ ଅତୀତ ସ୍ମୃତି ରୋମନ୍ଥନର ଚିତ୍ରପଟରେ ଚିତ୍ରାୟିତ କବିତାଗୁଡ଼ିକ ମନମୁଗ୍ଧକର ବୋଲି କହିଥିଲେ । ରଂଗରାଗ ସାହିତ୍ୟ ସଂସ୍କୃତି ପରିଷଦ ତଥା ମହାତ୍ମାଗାନ୍ଧି ପାଠାଗାରର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି, ଧ୍ୱନିପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ତଥା ଔପନ୍ୟାସିକ ସୃଷ୍ଟିଧର ପରିଡ଼ା ଉପସ୍ଥିତ ରହି କବି ମମତାଙ୍କ କବିତା ପୁସ୍ତକ ସମ୍ପର୍କରେ ସଂକ୍ଷିପ୍ତ ଆଲୋକପାତ କରିବା ସହିତ ତାଙ୍କର ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ ।

ବରଗଡରେ ସ୍ମାର୍ଟ ହେଲ୍‌ଥ କାର୍ଡ ଯୋଜନାର ଶୁଭାରମ୍ଭ

ଭୁବନେଶ୍ୱର,୧୩/୧୧(ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ବରଗଡ ଜିଲ୍ଲାରେ ବିକୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଂଟନର ଶୁଭାରମ୍ଭ କରିଛନ୍ତି। ଜିଲ୍ଲାର ପ୍ରାୟ ୩.୬୪ ଲକ୍ଷ ଲୋକ ଏହି ସୁବିଧା ପାଇବେ । ବରଗଡ ସହିତ ରାଜ୍ୟର ୧୧ଟି ଜିଲ୍ଲା ଏହି କାର୍ଯ୍ୟକ୍ରମରେ ସାମିଲ ହେଲା । ଏହି ଅବସରରେ ୫-ଟି ରୂପାନ୍ତର କାର୍ଯ୍ୟକ୍ରମରେ ବିଜେପୁରର ୭୧ଟି ରୂପାନ୍ତରିତ ସ୍କୁଲକୁ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଥିଲେ । ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ବରଗଡରେ ପ୍ରାୟ ୩୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ସେହିପରି ଜିଲ୍ଲାରେ ୨୫୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ କାମ ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ । ଏଥିରେ ରହିଛି – ୨୦୯୦ କୋଟି ଟଙ୍କାର ଗୁରୁତ୍ୱପୂର୍ଣ୍ଣ ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ । ଏହି ପ୍ରକଳ୍ପ ୨୦୨୩ ସେପ୍ଟେମ୍ବର ସୁଦ୍ଧା ସଂପୂର୍ଣ୍ଣ ହେବ ଏବଂ ଚାଷୀମାନେ ଏଥିରୁ ପାଣି ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ବରଗଡ ହେଉଛି ମା ଲକ୍ଷ୍ମୀଙ୍କ ପବିତ୍ର ଭୂମି । ଓଡିଶାର ଭାତ ହାଣ୍ଡି । ବରଗଡର ବୁଣାକାର ମାନଙ୍କୁ ମଧ୍ୟ ମୁଖ୍ୟମନ୍ତ୍ର

ପୁଣି ସାମନାକୁ ଆସିଲା ଆଉ ଗୋଟେ ଗ୍ୟାଙ୍ଗର ଭିଡ଼ିଓ

ମାଲକାନଗିରି,୧୩/୧୧ (ନି.ପ୍ର): ପୁଣି ସାମ୍ନାକୁ ଆସିଛି ଆଉ ଏକ ଗ୍ୟାଙ୍ଗର କାରନାମା । ଭୁବନେଶ୍ୱର କେବିଏନ୍, କଟକର ପବ୍ଲିକ ଷଣ୍ଢ, ବଲାଙ୍ଗୀରର କିଙ୍ଗ୍ ଗ୍ରୁପ ଭିଡ଼ିଓ ଭାଇରାଲ ପରେ ମାଲକାନଗିରିରେ ବି ଦେଖିବାକୁ ମିଳିଛି ସମାନ ଷ୍ଟାଇଲର ଦୃଶ୍ୟ । କ୍ୟାମରାରେ କଏଦ ହୋଇଥିବା ଏହି ଦୃଶ୍ୟ ଭାଇରାଲ ହେବା ପରେ ସମଗ୍ର ମାଲକାନଗିରିରେ ଏହା ଚର୍ଚ୍ଚାର ବିଷୟ ପାଲଟିଛି ।

ହାତରେ ରହିଛି ଗଞ୍ଜେଇ, ସିଗାରେଟ୍ । ପାଟିରୁ ଭକଭକ୍ ବାହରୁଛି ଧୁଆଁ । ଏହାସହ ଏମାନଙ୍କ ହାତରେ ରହିଛି ବୋତଲ । କିନ୍ତୁ, ଏହା ଦେଶୀ କିମ୍ବା ବିଦେଶୀ ମଦର ବୋତଲ ନୁହଁ । ବରଂ ଏହା ହେଉଛି ଚରସ । ଯାହାକୁ ପାନ କଲେ ମାତ୍ରାଧିକ ନିଶା ହୁଏ । ଏକ ଭଙ୍ଗା ଘରେ ନିଶାରେ ମାତାଲ ହୋଇଛନ୍ତି ଯୁବପିଢ଼ି । ଏହିଭଳି ଏକ ଭିଡ଼ିଓ ସୋସିଆଲ ମିଡ଼ିଆରେ ଘୁରି ବୁଲୁଛି । କେବଳ ସେତିକି ନୁହେଁ, ନିଶାସକ୍ତ ଅବସ୍ଥାରେ ଅନ୍ୟ ଏକ ଯୁବକଙ୍କୁ ଜଣକ ପରେ ଜଣେ ପିଟୁଛନ୍ତି । ପିଟିବାର ଭିଡ଼ିଓ ଉଗୁଡଳନ କରି ତାହାକୁ ସୋସିଆଲ ମିଡ଼ିଆରେ ଭାଇରାଲ କରୁଛନ୍ତି ଏହି ଯୁବକମାନେ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ଯେଉଁ ଭିଡ଼ିଓ ଭାଇରାଲ ହେଉଛି ତାହା ମାଲକାନଗିରିର ମହିଳା ମହାବିଦ୍ୟାଳୟର ପଛପଟର ଦୃଶ୍ୟ । ଏହା ପାଖକୁ ଲାଗି ରହିଛି ମହିଳା ହଷ୍ଟେଲ । ଏନେଇ ମାଲକାନଗିରି ଏସଡ଼ିପିଓ ଅଭିଳାଷ ଜିଙ୍କୁ ପଚାରିବାରୁ ପୋଲିସ ଏ ବିଷୟରେ ଅବଗତ ଥିବା କହିବା ସହ ଭିଡିଓ କରିଥିବା ଯୁବଗୋଷ୍ଠୀ ନବରଙ୍ଗପୁର ପଳାଇଥିଲେ । ବର୍ତମାନ ସେମାନେ ଆପ୍ତା ଯାଇଥିବାର ଖବର ଆସିଛି । ସେମାନଙ୍କ ନାଁରେ କେସ୍ ରେଜିଷ୍ଟର କରି ଗିରଫ କରାଯିବା ପରେ ଗଣମାଧ୍ୟମକୁ ସୂଚନା ଦିଅ ।ଯିବ ବୋଲି ସୂଚନା ଦେଇଛନ୍ତି ।

ଆପନା ଭାରତ ମୋର୍ଚ୍ଚା, ଓଡ଼ିଶା ଚାପ୍ଟରର ଉଦଘାଟନୀ ଉତ୍ସବ

ଭୁବନେଶ୍ୱର,୧୩/୧୧ (ନି.ପ୍ର): ଆଜି ଅପରାହ୍ନ ୪ଟା ସମୟରେ ହୋଟେଲ୍ ନିଉ ମାରିଆନ୍ ସମ୍ମିଳନୀ କକ୍ଷରେ 'ଆପ୍ନା ଭାରତ ମୋର୍ଚ୍ଚା'ର ଓଡ଼ିଶା ଚାପ୍ଟରର ଶୁଭ ଉଦ୍‌ଘାଟନୀ ଉତ୍ସବରେ ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷ, ଡଃ ଅଶୋକ ତଓ୍ୱାଁର, ପୂର୍ବତନ ସାଂସଦ ଯୋଗଦାନ କରିଥିଲେ । ତାଙ୍କ ଉଦ୍‌ଘାଟନୀ ଭାଷଣରେ ଭାରତର ରାଜନୈତିକ ପାଣିପାଗ ଉପରେ ମତ ପ୍ରଦାନ କରିଥିଲେ । ଦେଶରେ ବେକାରୀ ସମସ୍ୟା ଯୁବଗୋଷ୍ଠୀମାନଙ୍କ ପାଇଁ କାଳ ସଦୃଶ ମାଡ଼ିବସିଛି । ଦରଦାମ ବୃଦ୍ଧି, ଲୋକଙ୍କର ସାଧାରଣ ଜୀବନ ଜୀବିକାକୁ ଦୁର୍ବିସହ କରି ପକାଇଛି । ଓଡ଼ିଶା ରାଜ୍ୟରେ ଏବଂ ଦେଶରେ ଦୁର୍ନୀତି ଏକ ପାହାଡ଼ ସଦୃଶ । ବର୍ତମାନ ଭାରତର ଲୋକତନ୍ତ୍ରର ସଂଜ୍ଞାର ପରିବର୍ତନ ଘଟିଛି । ରାଜତନ୍ତ୍ର ସଦୃଶ ପରିବାର ରାଜନୀତି ଚାଲିଛି, ଯାହା ଗଣତନ୍ତ୍ର ପାଇଁ ଭୟଙ୍କର । ନୂତନ ଯୁବପିଢ଼ୀମାନଙ୍କ ପାଇଁ ରାଜେନୈତିକ ପ୍ଲାଟଫର୍ମ ଙ୍କଟକମୟ ହୋଇଛି । ଆପ୍ନା ଭାରତ ମୋର୍ଚ୍ଚାର ଆହ୍ୱାନ ମାତୃମଣ୍ଡଳୀ ଯୁବଶକ୍ତିମାନେ ଏ ଦେଶର ମେରୁଦଣ୍ଡ । ଦେଶକୁ ସୁରକ୍ଷା ଯୋଗାଇ ପାରିବେ ଯଦି ଏକ ହେବେ ତେବେ ଭାରତର ଦୁର୍ଦ୍ଦଶା ହଟିବ । ଏତଦ୍ ସହିତ ଆପ୍ନା ଭାରତ ମୋର୍ଚ୍ଚାର ରାଷ୍ଟ୍ରୀୟ ସମ୍ପାଦକ ଗୁରିଜ୍ ସିଂ ଯୋଗଦେଇ ଯୁବଶକ୍ତିମାନଙ୍କ ପାଇଁ ଏହା ଏକ ଆହ୍ୱାନ ବୋଲି କହିଥିଲେ । ମୋର୍ଚ୍ଚାର ଆଭିମୁଖ୍ୟ ଓଡ଼ିଶାର ଗଣମାଧ୍ୟମଙ୍କ ଆଗରେ ରଖିଥିଲେ । ସେ କହିଥିଲେ ଆପ୍ନା ଭାରତ ମୋର୍ଚ୍ଚା ଏକ ଆନ୍ଦୋଳନ ଭାରତର ଦୁର୍ନୀତି, ଭ୍ରଷ୍ଟାଚାର ବିରୁଦ୍ଧରେ । ଭବିଷ୍ୟତରେ ଏହା ଏକ ରାଜନୈତିକ ଦଳ ଭାବେ ଭାରତବର୍ଷରେ ଉଭା ହେବ । ଭାରତରେ ୨୨ଟି ରାଜ୍ୟରେ ଆପ୍ନା ଭାରତ ମୋର୍ଚ୍ଚାରେ ଲକ୍ଷଲକ୍ଷ ଲୋକ ସହଯାଗୀ ସାଥୀ ଭାବେ ସାମିଲ ହୋଇସାରିଛନ୍ତି ଏବଂ ନୂତନ ସୂର୍ଯ୍ୟର ଉଦୟ ହୋଇସାରିଛି । ଆଜି ଓଡ଼ିଶା ଚାପ୍ଟରରେ ଅସଂଖ୍ୟ ମହିଳାମାନଙ୍କର ଉପସ୍ଥିତି ଆମକୁ ଚକିତ କରିଛି । ରାଜନୈତିକ ପରାମର୍ଶଦାତା ଡଃ ଡି.କେ. ଗିରି ଓଡ଼ିଶାର ଭୌଗୋଳିକ ସ୍ଥିତି ଉପରେ ଆଲୋକପାତ କରିଥିଲେ ଏବଂ ପରିବାର ରାଜନୀତି ଦେଶକୁ ଏବଂ ରାଜ୍ୟକୁ ସମୁଦ୍ର ଗର୍ଭକୁ ଠେଲିନେଇଛି । ଷ୍ଟେଟ୍ ପ୍ରୋଗ୍ରେସିଭ୍ ଓ୍ୱିମେନ୍‌ସ ଫୋରମ୍‌ର ଅଧ୍ୟକ୍ଷା ମମତା ସାମନ୍ତରାୟ ଉକ୍ତ ସଭାରେ ଯୋଗଦାନ କରି ମୂଲ୍ୟବାନ କଥା ନାରୀ ନିର୍ଯାତନା ଉପରେ ରଖିଥିଲେ । ସେ କହିଥିଲେ ଅନ୍ୟ ଦେଶମାନଙ୍କ ତୁଳନାରେ ଭାରତରେ ନାରୀ ନିର୍ଯାତନା ରେକର୍ଡ଼ ଭାଙ୍ଗିଛି । ଓଡ଼ିଶା ପରିପ୍ରେକ୍ଷୀରେ ମମିତା ମେହେରଙ୍କ ଉଦାହରଣ ଦେଇ କହିଲେ, ଓଡ଼ିଶା ଶୋଷଣ, ଧର୍ଷଣ, ଅତ୍ୟାଚାରର ଚରାଭୂଇଁ ପାଲଟିଲାଣି । ସରକାର ଏଥିପ୍ରତି ଦୃଷ୍ଟି ରଖିବା ଦରକାର । ମହିଳା ସୁରକ୍ଷାର ନାରା ଏକ ପ୍ରହସନରେ ପରିଣତ ନହେଉ, ପ୍ରତ୍ୟକ୍ଷ ଭାବେ ସୁରକ୍ଷା ଏକ ସଂକଳ୍ପ ହେଉ । ଡଃ ଗିରି ଆନ୍ତର୍ଜାତୀୟ ଜାତୀୟ ବ୍ୟବସ୍ଥା, ରାଜନୈତିକ ସ୍ଥିତି ଉପରେ ଆଲୋକପାତ କରିଥିଲେ । ଗଣତନ୍ତ୍ରରେ ରାଜନୀତି ଏକ ଆଶାବାଡ଼ି ବୋଲି କହିଥିଲେ । ଉକ୍ତ ସଭାରେ ନିରୂପମା ରଥ ମାନବିକ ଅଧିକାର ଉପରେ ଆଲାକପାତ କରିଥିଲେ ।

ଇନସ୍ପାୟାର୍ ୟୁଥ୍ ସଂଗଠନ ପକ୍ଷରୁ ରକ୍ତଦାନ ଶିବିର

ହରିଚନ୍ଦନପୁର,୧୩/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଭଗାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଇନସ୍ପାୟାର୍ ୟୁଥ୍ ସଂଗଠନ ପକ୍ଷରୁ ୨ୟ ବାର୍ଷିକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଆନୁଷ୍ଠାନିକ ଭାବେ ସଂଗଠନ ତରଫରୁ ଉଦ୍ଘାଟନ କରାଯାଇଥିଲା । ଖବର ଲେଖା ହେବା ପର୍ଯ୍ୟନ୍ତ ଏହି ଶିବିରରେ ୨୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ଜଣାପଡ଼ିଛି । ଏହି ଶିବିରକୁ ଇନସ୍ପାୟାର୍ ୟୁଥ୍ ସଂଗଠନ ସଭାପତି ପ୍ରେମ୍ ପ୍ରକାଶ ମୁଣ୍ଡା, ମଙ୍ଗଳ ମୁଣ୍ଡା, ଅମର ପାତ୍ର, ନିର୍ମଳ ଦେହୁରୀ, ଅନିଲ କୁମାର ମହାରଣା, ଲକ୍ଷ୍ମୀଧର ମହାରଣା, ଦେବାଶିଷ ପାତ୍ର, ଉଦୟ ନାଥ ମାଝୀ, ବିରଞ୍ଚି ମହାନ୍ତ, ସିପୁନ ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ । କେନ୍ଦୁଝର ରେଡ଼କ୍ରସ ପକ୍ଷରୁ ରକ୍ତ ସଂଗ୍ରହ କରାଯାଇଥିଲା ।

ଆରଡିସିଙ୍କ ଜୟପୁର ଗସ୍ତ

ଜୟପୁର ,୧୩/୧୧ (ନି.ପ୍ର): ଦକ୍ଷିଣାଂଚଳ ରାଜସ୍ୱ କମିଶନର ଜୟପୁର ଗସ୍ତରେ ଆସି ଆଇଟିଟିଏ କାର୍ଯ୍ୟାଳୟରେ ସମୀକ୍ଷା କରିଛନ୍ତି । ସମୀକ୍ଷା ସମୟରେ ଉପ ଜିଲାପାଳ ବେଦ ବର ପ୍ରଧାନ, ପିଏ ଆଇଟିଡିଏ ଗୋପିନାଥ ସାରକା ପ୍ରମୁଖ ଉପସ୍ଥିତ ଥିଲ । ଦକ୍ଷିଣାଂଚଳ ରାଜସ୍ୱ କମିଶନରଙ୍କ ଜୟପୁର ଗସ୍ତ ସମୟରେ କୃଷକ କଲ୍ୟାଣ ମଂଚ କୋରାପୁଟ ତରଫରୁ ଦାବୀ ପତ୍ର ପ୍ରଦାନ କରାଯାଇଛି । କୋରାପୁଟ ଜିଲାରେ ଅତିରିକ୍ତ ଭୂ ନିବନ୍ଧକ କମିଶନର ତଥା ଜିଲାପାଳ କୋରାପୁଟ ଅଫିସରେ ଅବିଭକ୍ତ କୋରାପୁଟ ଜିଲାରେ ୨୦୧୪ ମସିହାରୁ ଜିଲାର ବନ୍ଦୋବସ୍ତ ସମ୍ପନ୍ଦିୟ ହଜାର ହଜାର ମାମଲା ରହିଛି । ତେଣୁ ସ୍ଥାୟୀ ଆଡିସନାଲ ସେଟଲେଂଟ କମିଶନର ନିଯୁକ୍ତି ଦିଆଗଲା ବହୁ ଜନସାଧାରଣ ଉପକୃତ ହେବେ ବୋଲି ମଂଚର ସମ୍ପାଦକ ନରେନ୍ଦ୍ର ପ୍ରଧାନ ଦାବି କରିଛନ୍ତି ।

ଡାଳପଡାରେ ଧର୍ମ ମଣ୍ଡପ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ

କନ୍ଧମାଳ,୧୩/୧୧ (ନି.ପ୍ର): ଖଜୁରୀପଡା ବ୍ଲକ ଦଳପଡା ଗ୍ରାମପଂଚାୟତ ଝାମ୍ପି ଗ୍ରାମର ଓଡ଼ିଆ ସାହିରେ ନୂତନ ଧର୍ମ ମଣ୍ଡପ ନିର୍ମାଣ ପରେ ପ୍ରତିଷ୍ଠା ଉତ୍ସବ ପାଳନ ହୋଇ ଯାଇଛି । ଗ୍ରାମବାସୀ ସମସ୍ତେ ବହୁ ଆନନ୍ଦ ଉଲ୍ଲାସ ଏବଂ ଭକ୍ତିମୟ ପରିବେଶ ମଧ୍ୟରେ ନାମ ସଙ୍କୀର୍ତ୍ତନ ହୋମଯଜ୍ଞ ଆଦି କରାଯାଇ ମଣ୍ଡପ ପ୍ରତିଷ୍ଠା କରାଯାଇଛି । ବହୁ ଶ୍ରଦ୍ଧାଳୁ ଉପସ୍ଥିତ ହୋଇ ମହାପ୍ରସାଦ ସେବନ କରିଥିବା ବେଳେ ଦଳପଡା ସରପଂଚ ରଂଜନ କୁମାର କହଁର ବ୍ଲକ ଅଧ୍ୟକ୍ଷ ବିରେନ୍ଦ୍ର କୁମାର କହଁର ଉପାଧ୍ୟକ୍ଷା ଶ୍ରୀମତୀ ସୌଦାମିନୀ କହଁର ସମାଜସେବୀ ତଥା ବିଜେପି ନେତା ଅନନ୍ତ କୁମାର ଦିଗାଲ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ । ମଣ୍ଡପ ପ୍ରତିଷ୍ଠା ଉତ୍ସବରେ ସନନ୍ତ ସାହୁ କେଦାରଗୌରୀ ସାହୁ ପଙ୍କଜ ରଣା ରଂଜନ ସେଠୀ କୃଷ୍ଣଚନ୍ଦ୍ର ସେଠୀଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ ।

ମୋବାଇଲ ଲୁଟ ମାମଲାରେ ୨ କୋର୍ଟ ଚାଲାଣ

କୋରେଇ,୧୩/୧୧ (ନି.ପ୍ର): ପାଣିକୋଇଲି ଥାନା ସମ୍ମୁଖରେ ଥିବା ଆରକ୍ଷୀ ଅଧିକ୍ଷକଙ୍କ ବାସଭବନ ନିକଟରେ ବୁଧବାର ସଂଧ୍ୟାରେ ଏକ ଯୁବତୀ ଫୋନରେ କଥା ହୋଇଯାଉଥିବା ବେଳେ ଦୁଇ ଯୁବକ ଏକ ପଲସର ବାଇକ (ଓଡ଼ି୨୨ କେଜ୍ଞ୮୪)ରେ ଦ୍ରୁତ ଗତିରେ ଆସି ଯୁବତୀଙ୍କର ମୋବାଇଲକୁ ଝାମ୍ପିନେଇ ପଳାଇଯାଉଥିବା ବେଳେ ରାସ୍ତା କାମ ଚାଲୁଥିବାରୁ କଡ଼ରେ ଥିବା ଏକ ଖାଲରେ ପଡ଼ିଯାଇଥିଲେ । ପରେ ଯୁବତୀ ଜଣକ ଚିଲ୍ଲାଇବାରୁ ସ୍ଥାନୀୟ ଲୋକେ ଆସି ଉକ୍ତ ଦୁଇ ଯୁବକଙ୍କୁ କାବୁ କରିବା ସହିତ ବାଇକ ସହ ପୁଲିସକୁ ହସ୍ତାନ୍ତର କରିଥିଲେ । ପରେ ଯୁବତୀ ଭାନୁମତୀ କେଶରୀ ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ୨୯୮/୨୧ ରଜୁ କରିଥିବା ବେଳେ ଆଜି ଯାଜପୁର ଥାନା ଅନ୍ତର୍ଗତ ଶିତଲେଶ୍ୱରର ବଳରାମ ଦାସଙ୍କ ପୁଅ ସୌରଂଜନ (୨୧) ଓ ମହେନ୍ଦ୍ର ଦଳାଇଙ୍କ ବିକାଶ (୧୬)କୁ ମାମଲା ୨୯୮/୨୧ ଦଫା ୩୯୪, ୩୪୧ରେ କୋର୍ଟ ଚାଲାଣ କରାଯାଇଛି ।

ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଷ୍ଟ୍ରୀୟ ପଛୁଆ ବର୍ଗ ଓ. ବି.ସି ମୋର୍ଚ୍ଚାର ସ୍ମାରକ ପତ୍ର ପ୍ରଦାନ

ଜୟପୁର ,୧୩/୧୧ (ନି.ପ୍ର): ସଂରକ୍ଷଣ ଦାବିରେ ରାଷ୍ଟ୍ରୀୟ ପଛୁଆ ବର୍ଗ ଓ. ବି.ସି ମୋର୍ଚ୍ଚା ତରଫରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜୟପୁର ତହସିଲଦାର ପ୍ରଧାନ ଟୁଲ୍ଲି ଆମ୍ମାଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଜୟପୁର ପଛୁଆ ବର୍ଗର ସଭାପତି ମଦନ ମୋହନ ନାୟକ, ଉପ ସଭାପତି କବିରାଜ ପରମେଶ୍ୱର ପାତ୍ରଙ୍କ ନେତୃତ୍ୱରେ ଲକ ପ୍ରତିନିଧି ଦଳ ତହସିଲଦାରଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ । ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ଓ. ବି.ସିର ଜନଗଣନା, ନିଯୁକ୍ତି ଓ ପଢା ପଢିର ବ୍ୟବସ୍ଥା ସହ ନିର୍ବାଚନରେ ସ୍ଥାନ ସଂରକ୍ଷଣ ନିମନ୍ତେ ଦାବି କରାଯାଇଛି । ଏହି କାର୍ଯ୍ୟକ୍ରମରେ ପିତାମ୍ବର ମାଣିଆ, ସେହେବ ମହାରଣା, ସତ୍ୟ ନାରାୟଣ ବରାଳ, ପ୍ରବିର ପାତ୍ର, ଶ୍ରୀନିବାସ ପାତ୍ର, ଡି.ଭି ରାବଣା, ସୁମନ୍ତ କୁମାର ବେହେରା, ସନ୍ତୋଷ ପାତ୍ର, ଶ୍ରୀକାନ୍ତ ପାତ୍ର, ରାଜେଶ କୁମାର ଗୌଡ ପ୍ରମୁଖ ଉପସ୍ଥିତ ଥିଲେ ।

ବ୍ରାହ୍ମଣୀ ନଦୀକୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ: କାରଣ ଅସ୍ପଷ୍ଟ

ଧର୍ମଶାଳା,୧୩/୧୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଅଂଚଳରେ ଏକ ଅଭାବନୀୟ ଘଟଣା ଘଟିଛି । ଯାହାକୁ ନେଇ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଜଣେ ମହିଳା ବ୍ରାହ୍ମଣୀ ନଦୀ ଡେଉଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ତେବେ କେଉଁ ଘଟଣାରୁ ମହିଳା ଜଣକ ଏଭଳି ଆତ୍ମହତ୍ୟା କରିବାକୁ ଉଦ୍ୟମ କଲେ ତାହାର କାରଣ ଖୋଜୁଛି ପୁଲିସ । ଯାଜପୁର ଜିଲା ଚଣ୍ଡିଖୋଲ-ଭୁବୁରୀ ୫୩ ନମ୍ବର ଜାତୀୟ ରାଜପଥ କବାଟବନ୍ଧ ବ୍ରାହ୍ମଣୀ ନଦୀ ସେତୁ ନିକଟରେ ଜଣେ ମହିଳା ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଛନ୍ତି । ଆତ୍ମହତ୍ୟା ଉଦ୍ୟମ କରିଥିବା ମହିଳା ଜଣକ ହେଲେ ଜେନାପୁର ଥାନା ଅନ୍ତର୍ଗତ ଅଞ୍ଜିରା ଗ୍ରାମର ଭଗବାନ ମଳିକଙ୍କ ଝିଅ ଡଲି ବୋଲି ଜଣାପଡିଛି । ସେ କୋରେଇ ବ୍ଲକ ତଳଗଡ ପଂଚାୟତ ଝୁଲଣ ଗ୍ରାମର ସାଗର ମଳିକଙ୍କୁ ବିବାହ କରିଥିଲେ । ଶାଶୁଘରେ ତାଙ୍କୁ ନିର୍ଯ୍ୟାତନା ଦିଆଯାଉଥିଲା । ଏ ନେଇ ଥାନାରେ ମଧ୍ୟ ମାମଲା ରୁଜୁ ହୋଇଥିବା ଜଣାପଡିଛି । ତେବେ ଡଲି ବାପଘରେ ରହୁଥିବା ବେଳେ ଆଜି ତାଙ୍କୁ ବୁଝାଶୁଝା କରିବ ଶାଶୁ ଘରକୁ ଏକ ଅଟୋ ଯୋଗେ ତାଙ୍କ ମାଆ ନେଇ ଯାଉଥିବା ବେଳେ କବାଟବନ୍ଧସ୍ଥିତ ବ୍ରାହ୍ମଣୀ ସେତୁ ଉପରେ ଅଟୋରୁ ହଠାତ ଓହ୍ଲାଇ ପୋଲ ଉପରୁ ନଦୀକୁ ଡେଇଁ ପଡିଥିଲେ । ଗାଡିରେ ବସିଥିବା ତାଙ୍କ ମାଆ ଆଉ ଚାଳକ ଜଣକ କିଛି ବୁଝି ପାରି ନଥିଲେ । ସେମାନେ ଗାଡିରୁ ଓହ୍ଲାଇ ଚିତ୍କାର କରିଥିଲେ । ନଦୀ ଭିତରେ କିଛି ଲୋକେ ମାଛ ଧରୁଥିବା ସମୟରେ ଡଲିଙ୍କୁ ପାଣି ଭିତରୁ ଉଦ୍ଧାର କରିଥିଲେ । ସଂଗେସଂଗେ ନିକଟସ୍ଥ କବାଟବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା କରିବା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିବା ଜଣାପଡିଛି । ତେବେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଭଲଥିବା ଜଣାପଡିଛି ।

କେନ୍ଦ୍ରାପଡା ପୌରାଂଚଳର ୱାର୍ଡ ସ୍ତରୀୟ ଭିତିଭୂମି ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବି

କେନ୍ଦ୍ରାପଡ଼ା,୧୩/୧୧ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳର ବିଭିନ୍ନ ୱାର୍ଡରେ ଭିତିଭୂମିର ବିକାଶ ତଥା ଏକାଧିକ ଜନ କଲ୍ୟାଣକାରୀ ପ୍ରକଳ୍ପ ଗୁଡିକୁ ମଞ୍ଜୁରୀ ଦେବାସହ ଏଥିପାଇଁ ଆବଶ୍ୟକ ଆର୍ଥିକ ଅନୁଦାନ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଠାରେ କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା ଓ ଅନ୍ୟ ପ୍ରମୁଖ ବ୍ୟକ୍ତିମାନେ ଦାବି ଜଣାଇଛନ୍ତି ।

ଜୟପୁର ଉପଖଣ୍ଡର ପ୍ରତ୍ୟେକ ବ୍ଲକରେ ମକାମଣ୍ଡି କରିବାକୁ ଦାବି

ଜୟପୁର ,୧୩/୧୧ (ନି.ପ୍ର): କୃଷକ କଲ୍ୟାଣ ମଂଚ କୋରାପୁଟ ତରଫରୁ ମଂଚର ସମ୍ପାଦକ ନରେନ୍ଦ୍ର କୁମାର ପ୍ରଧାନଙ୍କ ନେତୃତ୍ୱରେ ଜୟପୁର ଉପ ଜିଲାପାଳ ବେଦବର ପ୍ରଧାନ ଙ୍କୁ ସାକ୍ଷାତ କରି ଦାବୀ ପତ୍ର ପ୍ରଦାନ କରାଯାଇଛି । ବହୁ ଦିନର ଦାବି ପରେ ଜିଲାରେ ମକା ମଣ୍ଡି ଆରମ୍ଭ କରାଯାଉଥିବାରୁ ଜିଲା ପ୍ରଶାସନଙ୍କୁ ମଂଚ ତରଫରୁ ଧନ୍ୟବାଦ ଦିଆଯାଇଛି । ଜୟପୁର ଉପଖଣ୍ଡରେ ପ୍ରତ୍ୟେକ ବ୍ଲକରେ ମକା ମଣ୍ଡି କରାଗଲେ ବହୁ ଚାଷୀ ଉପକୃତ ହେବା ସହ ଅଣ ଧାନ ପ୍ରତି ଚାଷୀ ଆକୃଷ୍ଟ ହେବେ । ବର୍ତମାନ ଖରିଫ ଧାନ ଅମଳ ଚାଲିଥିବାରୁ ତୁରନ୍ତ ଡିଏଲଟିସି ବୈଠକ ଡକାଯାଇ ଧାନ କ୍ରମ ଆରମ୍ଭ କଲେ ଜିଲାର ବହୁ ନାମ ମାତ୍ର ଛୋଟ ଚାଷୀ ଉପକୃତ ହୋଇଥାନ୍ତେ । ତତ ସହ ଆରଏମସିରେ ଥିବା ବିଭିନ୍ନ ମଣ୍ଡିର ଭିତିଭୂମିର ଉନ୍ନତି କରାଗଲେ ଚାଷୀ ସେମାନଙ୍କ କୃଷିଜାତ ଦ୍ରବ୍ୟ ବିକ୍ରୟରେ ହେଉଥିବା ସମସ୍ୟାରୁ ବଂଚିତ ହୋଇଥାନ୍ତେ ବୋଲି ଉଲ୍ଲେଖ କରାଯାଇଛି ।

ଗଞ୍ଜେଇ ଜବତ: ଜଣେ ଗିରଫ

ଜୟପୁର ,୧୩/୧୧ (ନି.ପ୍ର): ଜୟପୁର ଅବକାରୀ ବିଭାଗ ଗଞ୍ଜେଇ ଚାଲାଣ ପାଇଁ ଯୋଜନା ଚାଲୁଥିବା ବେଳେ ଚଢାଉ କରିଛି । ମୁଣ୍ଡିଗୁଡା ଛକ ଠାରେ ଗଞ୍ଜେଇ ଧରି ଅପେକ୍ଷା କରିଥିବା ବେଳେ ଅବକାରୀ ବିଭାଗ ଚଢାଉ କରିବା ସହ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ବୈପାରିଗୁଡା ଥାନା ବୁରୁଡିପୁଟର କୃଷ୍ଣ ଚନ୍ଦ୍ର ପାଙ୍ଗି । ତା ଠାରୁ ୧୮ କେଜି ଗଞ୍ଜେଇ ଜବତ କରି ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଓଆଇସି ସଞ୍ଜୟ କୁମାର କାଣ୍ଡି ସୂଚନା ଦେଇଛନ୍ତି ।

ପଦ୍ମଶ୍ରୀ ପୁର୍ଣ୍ଣମାସୀ ଜାନୀଙ୍କୁ କନ୍ଧମାଳରେ ଭବ୍ୟ ସ୍ୱାଗତ

କନ୍ଧମାଳ, ୧୨ ନଭେମ୍ବର (ହି. ସ.) - ମହାମହିମ ରାଷ୍ଟ୍ରପତିଙ୍କ ଠାରୁ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରି ନିଜ ଗ୍ରାମକୁ ଫେରିବା ପରେ ପୂର୍ଣ୍ଣମାସୀ ଯାନୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା କରାଯାଇଛି । କନ୍ଧମାଳ ଜିଲ୍ଲା ତଥା ଖଜୁରୀପଡା ମାଟିକୁ ଗୌରବାନ୍ୱିତ କରିଥିବା ଆଦୀବାସୀ ସଂସ୍କାରକ ସାହିତ୍ୟ ସାଧକ ଆଧ୍ୟାତ୍ମିକ କବି ପୂର୍ଣ୍ଣମାସୀ ଯାନୀଙ୍କୁ ମହାମହିମ ରାଷ୍ଟ୍ରପତି ସମ୍ମାନ ଜନକ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିବାପରେ ଗୁରୁବାର ଅପରାହ୍ନରେ ପଦ୍ମଶ୍ରୀ ପୂର୍ଣ୍ଣମାସୀ ଯାନୀ ଖଜୁରୀପଡା ମାଟିରେ ପହଂଚିବା ପରେ ଖଜୁରୀପଡା ଠାରେ ବିପୁଳ ସମ୍ବୋର୍ଦ୍ଧନା ପ୍ରଦାନ କରିବାପରେ ତାଙ୍କ ବାସଭବନ ପର୍ଯ୍ୟନ୍ତ ଶହଶହ ସ୍ଥାନୀୟ ଜନସାଧାରଣ ନାମ ସଙ୍କୀର୍ତ୍ତନ ବାଜା ବାଦ୍ୟ ବାଣ ରୋଷଣି କରି ପାଛୋଟି ନେଇଥିଲେ । ରାସ୍ତା ସାରା ବାବା ଟାଡିସରୁ ବାଇଙ୍କୁ ଫୁଲ ଚନ୍ଦନ ହରିବୋଲ ହୁଳହୁଳି ପକାଇ ସମସ୍ତେ ବାବାଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ ।ଆଜି ଖଜୁରୀପଡା ଅଂଚଳରେ ଭକ୍ତିମୟ ପରିବେଶରେ ପଦ୍ମଶ୍ରୀ ପୂର୍ଣ୍ଣମାସୀ ଯାନୀଙ୍କୁ ସ୍ୱାଗତ ସମ୍ବୋର୍ଦ୍ଧନା ପ୍ରଦାନ ବେଳେ ପେନାବାଲି ଖଜୁରୀପଡ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୪ ନଭେମ୍ବର, ୨୦୨୧
email : rabibarachayan2015@gmail.com

ରବିବାର ଚୟନ

.....ସୁଚୟନ ସୁଚୟନ ସୁଚୟନ.....

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

ଧାରାବାହିକ : ଜୀବନାନୁଭୂତି

ମୋର ପୂର୍ବ ସ୍ମୃତି କଥା

ଭାଗ-୫୦

(ପୂର୍ବ ପ୍ରକାଶିତ ଉତ୍ତାରୁ...)



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ୍ୟ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ରାଜା ଧରଣୀଧର ଇନ୍ଦ୍ରଦେଓ ୧୯୧୩ ମସିହାରେ ସୀମିତ କ୍ଷମତାପ୍ରାପ୍ତ ହୋଇ ରାଜ୍ୟକୁ ଫେରିଆସିବା ଉତ୍ତାରେ ତାହାଙ୍କୁ ଶାସନ କାର୍ଯ୍ୟରେ ସାହାଯ୍ୟ କରିବା ସକାଶେ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ସରକାରୀ କର୍ମଚାରୀ ସରକାରଙ୍କ ଦ୍ୱାରା ପ୍ରେରିତ ହୋଇଥିଲେ । ମୋ ପୂର୍ବେ କଟକ କମିଶନର ଦପ୍ତରର କିରାନି ଖାଁ ସାହେବ ସଫିକ୍‌ଉଦ୍ଦିନ ଥିଲେ । ତାହାଙ୍କ ପୂର୍ବେ ପ୍ରଥମରେ ସମ୍ବଲପୁର ନିବାସୀ ଶ୍ରୀ ବାସୁଦେବ ମିଶ୍ର, ସବ୍‌ଡେପୁଟି କଲେକ୍ଟର ଓ ତପୂରେ ସିଂହଭୂମ ନିବାସୀ ସବ୍‌ଡେପୁଟି କଲେକ୍ଟର ଶ୍ରୀ ଈଶ୍ୱରୀ ପ୍ରସାଦ ସିଂହ ରହିଥିଲେ । ପ୍ରତ୍ୟେକ ଦେୱାନଙ୍କ ଅମଳରେ କୌଣସି ନା କୌଣସି କାରଣରୁ ରାଜାଙ୍କ କ୍ଷମତା କ୍ରମେ କ୍ରମେ ସଙ୍କୁଚିତ ହୋଇ ସଫିକ୍‌ଉଦ୍ଦିନଙ୍କ ସମୟରେ ସମସ୍ତ କ୍ଷମତା ରାଜାଙ୍କ ହସ୍ତରୁ କାଢ଼ି ନିଆଗଲା । ମୁଁ ମୋର କାର୍ଯ୍ୟରେ ଯୋଗଦେବା ମାତ୍ରକେ ରାଜା ତାଙ୍କର ସମସ୍ତ କ୍ଷମତା ସରକାରଙ୍କ ନିର୍ଦ୍ଦେଶରେ ଗୋଟିଏ ସନନ୍ଦ ଦ୍ୱାରା ମୋତେ ହସ୍ତାନ୍ତର କରିଦେଲେ, ଏପରିକି ଜଣେ ନିମ୍ନଶ୍ରେଣୀୟ କର୍ମଚାରୀ ସୁଦ୍ଧା ନିଯୁକ୍ତ କରିବା ବା ପ୍ରଜାଙ୍କଠାରୁ ଗୋଟିଏ ସାଧାରଣ ଦରଖାସ୍ତ ସୁଦ୍ଧା ଗ୍ରହଣ କରିବା କ୍ଷମତା ରଖିଲେ ନାହିଁ । ଏହି ବିଷମ ପରିସ୍ଥିତିର ପରିଣତି ମୋର ଦୈନନ୍ଦିନ ଜୀବନର ଦର୍ପଣରେ ପ୍ରତିବିମ୍ବ ତୁଲ୍ୟ ଅବିଳମ୍ବରେ ପ୍ରତିଫଳିତ ହେବାକୁ ଲାଗିଲା । ରାଜା ସମସ୍ତ କ୍ଷମତାଚ୍ୟୁତ ହୋଇ ମନ୍ତ୍ରୌଷଧିରୁଦ୍ଧବୀର୍ଯ୍ୟ ବିଷଧର ତୁଲ୍ୟ ରାଜ୍ୟରେ ରହିଅଛନ୍ତି । ଏହି ଅବସ୍ଥାରେ ସେ କ୍ଷୁଣ୍ଣ ଓ ତାଙ୍କ ଚିତ୍ତ ବିକ୍ଷୁବ୍ଧ ହେବା ସ୍ୱାଭାବିକ । ସରକାରଙ୍କ ପ୍ରେରିତ ଦେୱାନମାନଙ୍କ ସହିତ ଏହି କାରଣରୁ ତାଙ୍କ ମନାନ୍ତର ହୁଏ । କୌଣସି ଦେୱାନ ଦୁଇତିନି ବର୍ଷରୁ ଅଧିକ କାଳ ରହିପାରୁନଥାନ୍ତି । ରାଜା ନିଜ ରାଜ୍ୟରେ ରହିଅଛନ୍ତି । ପ୍ରଜାମାନେ ତାଙ୍କର । ଦେୱାନ ଚାକର ମାତ୍ର, ରାଜାଙ୍କ କୋଷରୁ ବୃତ୍ତି ପାଉଅଛନ୍ତି । ରାଜାଙ୍କ କ୍ଷମତା ଅଛି କି ନାହିଁ, ଥିଲେ କେଉଁ ପରିମାଣରେ ଅଛି ? ନିଜ ଦେୱାନଙ୍କ କ୍ଷମତା କେତେ ? ପ୍ରଜାମାନେ ବୁଝିବେ କିପରି ? ପ୍ରଜାମାନେ ଯଥାରୀତି ରାଜାଙ୍କଠାରେ ହାରିଗୁହାରି କରନ୍ତି । ପ୍ରତିକାର ପାଆନ୍ତି ନାହିଁ, ଏଆଡ଼େ ତାଙ୍କ କ୍ଷମତାପହାରକ ସରକାରଙ୍କ ଶାସନକୁ ପଣ୍ଡ କରିବା ସକାଶେ ନାନାପ୍ରକାର ଉପାୟ ଅବଲମ୍ବନ କରନ୍ତି । ସରକାରଙ୍କ ଶାସନ ଅର୍ଥ ଦେୱାନଙ୍କ ଶାସନ । ଦେୱାନଙ୍କୁ ବଦନାମ କରିପାରିଲେ ସରକାରଙ୍କ ଶାସନ ଦୁର୍ନାମ ସଂସାରରେ ସାବ୍ୟସ୍ତ ହେବ । ଏହାହିଁ ରାଜାଙ୍କ ଏକମାତ୍ର ଲକ୍ଷ୍ୟ ହୋଇଥାଏ । ଏହି ଦୋସନ୍ଧି ମଧ୍ୟରେ ଚାକର ମାତ୍ର ଦେୱାନର ଜୀବନ ଡହଳବିକଳ ହେଉଥାଏ । ଏକ ଦିଗରେ ରାଜ୍ୟର ପ୍ରଜାମାନଙ୍କୁ ଓ ଅପରଦିଗରେ ସରକାରଙ୍କୁ ତୁଷ୍ଟ କରି ରଖିବା କଷ୍ଟକର ହୋଇଉଠେ ।

ମୋତେ ଅନୁଗୁଳ ଡେପୁଟି କମିଶନର କ୍ରେଭେନ ସାହେବ ଯେଉଁ ବିଷୟରେ ସାବଧାନ କରାଇଦେଇଥିଲେ ତାହା ମୁଁ ବଣେଇକୁ ଆସିବା ଦୁଇମାସ ମଧ୍ୟରେ ଅନୁଭବ କଲି । ରାଜା ଉଚ୍ଚଶିକ୍ଷିତ, ବୁଦ୍ଧିମାନ ଓ ସମସ୍ତ ବିଷୟରେ ଅଭିଜ୍ଞ । ମୋ ସହିତ କ୍ରମେ କ୍ରମେ ତାଙ୍କ ବ୍ୟବହାର ଓ ଆଚରଣ ସଦୟ ଓ ସରଳତାପୂର୍ଣ୍ଣ ହେଲା । ସେ ତାଙ୍କ ଲକ୍ଷ୍ୟ ସମ୍ବନ୍ଧରେ ପରିଷ୍କାର ଭାବରେ ମୋତେ ଜଣାଇଦେଇ ମୋର ଶାସନ ଓ ବ୍ୟକ୍ତିଗତ ଆଚରଣ ସମ୍ବନ୍ଧରେ ସାବଧାନ ରହିବାକୁ ଉପଦେଶ ଦେଲେ । କଥା ପ୍ରସଙ୍ଗରେ ଯେତେବେଳେ ମୁଁ କହେ ଯେ, ମୁଁ ଭୃତ୍ୟ ମାତ୍ର, ଏକ ଦିଗରେ ସରକାର ଓ ଅପର ଦିଗରେ ରାଜାଙ୍କ କୋପାଗ୍ନିରୁ ମୋତେ ରକ୍ଷା କରିବାକୁ ହେବ । ତାଙ୍କଠାରୁ ଏକମାତ୍ର ଉତ୍ତର ପାଏଁ- ସେ ନିରୁପାୟ, କ୍ଷମତାପ୍ରାପ୍ତି ସକାଶେ ତାଙ୍କୁ ଏହାହିଁ କରିବାକୁ ହେବ । ମୋ ପ୍ରତି ତାଙ୍କ ବ୍ୟକ୍ତିଗତ ଆକ୍ରୋଶ ନାହିଁ ।

ଏପରି ଅବସ୍ଥାରେ ମୁଁ ହୃଦୟରେ ସାହସ ବାନ୍ଧି କାର୍ଯ୍ୟାରମ୍ଭ କଲି । ରାଜାଙ୍କ ସହିତ ଘନ ଘନ ସାକ୍ଷାତ କରେ ଓ ତାଙ୍କ ଠାରୁ ନାନା ବିଷୟରେ ପରାମର୍ଶ ଗ୍ରହଣ କରେ । ତାଙ୍କ ସହିତ ବାକ୍ୟାଳାପ କରି ମୋର ମନହେଲା ଯେ, ସେ ଜଣେ ସ୍ୱାଧୀନଚେତା ରାଜା କିନ୍ତୁ ତାଙ୍କୁ ସଦୁପଦେଶ ଦେବା ଭଳି ରାଜ୍ୟରେ କୌଣସି ଶିକ୍ଷିତ ବ୍ୟକ୍ତି ନଥିଲେ । ଯେଉଁ ଶିକ୍ଷିତ ବ୍ୟକ୍ତିଗଣ ଦେୱାନ ପଦରେ ଯାଉଥିଲେ ସେମାନେ ସେମାନଙ୍କ ସରକାରୀ ଚାକିରି ଜୀବନରେ ଯାହା କର୍ତ୍ତବ୍ୟ କେବଳ ତାହାହିଁ କରୁଥିଲେ । ଫଳରେ ନା ରାଜାଙ୍କ ନା ପ୍ରଜାଙ୍କ ଅନୁକୂଳ କାର୍ଯ୍ୟ ସମ୍ପାଦନ ସେମାନଙ୍କ ପକ୍ଷରେ ସମ୍ଭବପର ହେଉଥିଲା । ଉଭୟ ସନ୍ଧି ମଧ୍ୟରେ ପିଷ୍ଟ ହୋଇ ସେ ସମୟ ସମୟରେ କିଂକର୍ତ୍ତବ୍ୟବିମୂଢ଼ ପ୍ରାୟ ଜୀବନଯାପନ କରୁଥିଲେ । କ୍ଷମତାଚ୍ୟୁତ ରାଜାଙ୍କ ଅନ୍ତର୍ବହ୍ନି ସର୍ବଦା ପ୍ରଜ୍ୱଳିତ ହୋଇ ରହୁଥିଲା । ସୁତରାଂ ରାଜାଙ୍କ ସମସ୍ତ ଶକ୍ତି କ୍ଷମତାପହାରକ ସରକାରଙ୍କ ପ୍ରତି ପ୍ରଯୁକ୍ତ ହେବାକୁ ଯାଇ ପ୍ରତ୍ୟକ୍ଷ ଶାସନଭାର ପ୍ରାପ୍ତ ନିରୀହ ଦେୱାନ ଉପରେ ପତିତ ହେଉଥିଲା । ମୁଁ କାର୍ଯ୍ୟରେ ଯୋଗଦେବା କିଛିଦିନ ଉତ୍ତାରେ ରାଜା ତାହାଙ୍କ ନୀତି ସମ୍ବନ୍ଧରେ ମୋତେ ବିଶ୍ୱସ୍ତ ସୂତ୍ରରେ ଜଣାଇଦେଲେ ଓ ତଦନୁସାରେ ସଙ୍କେତ ଅବଲମ୍ବନ ପୂର୍ବକ କାର୍ଯ୍ୟନିର୍ବାହ କରିବା ସକାଶେ ଉପଦେଶ ଦେଲେ । ମୋ ପ୍ରତି ତାଙ୍କ ସଦୟ ଓ ସରଳ ବ୍ୟବହାର ଦେଖି ପ୍ରଥମରେ ତାଙ୍କ ପ୍ରତି ମୋର ପ୍ରଗାଢ଼ ସହାନୁଭୂତି ଜାତହେଲା ଓ ମୋର ସନ୍ଦେହ ହେଲା ନାହିଁ ଯେ, ସେ କେବେହେଁ ମୋର ଅମଙ୍ଗଳ କାମନା କରିବେ ଓ ମୁଁ ସୁଦ୍ଧା କେବେ ତାଙ୍କ ଅପ୍ରିୟାଚରଣ କରି ଏତାଦୃଶ ପଥ ଅବଲମ୍ବନ କରିବା ପାଇଁ ତାଙ୍କୁ ସୁଯୋଗ ବା କାରଣ ଦେବି । ବରଂ ମନେ ମନେ ଭାବୁଥିଲି ଯେ, ରାଜାଙ୍କ କ୍ଷମତାପ୍ରାପ୍ତି ସକାଶେ ଯଦି କେବେ କିଛି ମୋର ହସ୍ତଗତ ହୁଏ ତାହା ରାଜାଙ୍କ ସପକ୍ଷରେ ପ୍ରୟୋଗ କରିବା ସକାଶେ ତ୍ରୁଟି କରିବି ନାହିଁ । ରାଜାଙ୍କୁ ମଧ୍ୟ ମୁଁ ସମୟ ସମୟରେ ସଦୁପଦେଶ ଦେବା ସୁଯୋଗ ଗ୍ରହଣ କରୁଥାଏ ।

ରାଜ୍ୟ ଶାସନ ସମ୍ପର୍କୀୟ ଭିନ୍ନ ଭିନ୍ନ ବିଭାଗର ଭାରପ୍ରାପ୍ତ ହୋଇ ରହିଥିଲେ ଜଣେ ପୋଲିସ୍ ଇନ୍‌ସପେକ୍ଟର । ସେ ସରକାରଙ୍କ ଜଣେ ସବ୍-ଇନ୍‌ସପେକ୍ଟର । ଜଙ୍ଗଲ ବିଭାଗରେ ଜଣେ ଫରେଷ୍ଟ ଅଫିସର, ଚିକିତ୍ସା ବିଭାଗରେ ଜଣେ ଆସିଷ୍ଟାଣ୍ଟ ସର୍ଜନ ଓ ଶିକ୍ଷା ବିଭାଗରେ ଜଣେ ସବ୍-ଇନ୍‌ସପେକ୍ଟର । ଏମାନେ ଷ୍ଟେଟ୍‌ଦ୍ୱାରା ନିଯୁକ୍ତ । ଦେୱାନଙ୍କ ସହକାରୀ କେହି ନଥିଲେ । ରାଜାଙ୍କ ବୈମାତ୍ରେୟ ଭାଇ କୁମାର ହରିଶ୍ଚନ୍ଦ୍ର ଦେଓ ଅବୈତନିକ ମାଜିଷ୍ଟ୍ରେଟ ଥିଲେ । ସେ କେବେ କେବେ ଆସି ମୋକଦ୍ଦମା ବିଚାର କରନ୍ତି । ଫରେଷ୍ଟ ଅଫିସରଙ୍କ ଅଧୀନରେ ଦୁଇଜଣ ରେଞ୍ଜର ଥାଆନ୍ତି । ଅବକାରୀ ବିଭାଗ ପୋଲିସ ଅଧୀନରେ ଥାଏ । ଦେୱାନଙ୍କ ଦପ୍ତରଟି ଅତି କ୍ଷୁଦ୍ର । ଜଣକେତେ କିରାଣି । ଦେୱାନଙ୍କୁ ସାଧାରଣ ଶାସନ ସଂକ୍ରାନ୍ତ କାର୍ଯ୍ୟ ବ୍ୟତୀତ ଦେୱାନୀ ଓ ଫୌଜଦାରୀ ମୋକଦ୍ଦମା ବିଚାର କରିବାକୁ ହୁଏ । ଓକିଲ, ମୁକ୍ତିୟାର କେହି ନଥିଲେ । ସୁତରାଂ ମୋକଦ୍ଦମାଗୁଡ଼ିକ ଜଟିଳତାଶୂନ୍ୟ ଓ ନ୍ୟାୟ ବିଚାର ସୁଗମ ହେଉଥିଲା, ବ୍ୟୟ ଓ ସମୟ ସଂକୁଳ ନଥିଲା । କିରାଣୀ, ପୋଲିସ, ସବ୍‌ଇନ୍‌ସପେକ୍ଟର ଆଦି ପ୍ରାୟ ସମସ୍ତେ କଟକ ଅଞ୍ଚଳରୁ ଆସିଥିଲେ । କେବଳ ଆସିଷ୍ଟାଣ୍ଟ ସର୍ଜନ ଥିଲେ ବଙ୍ଗାଳୀ । ରାଜ୍ୟରେ ଦୁଇଟି ଡାକ୍ତରଖାନା, ଗୋଟିଏ ବଣେଇଗଡ଼ରେ ଓ ଅପରଟି ଭୂୟାଁ ଅଞ୍ଚଳସ୍ଥ କୋଇଡ଼ାରେ, ପୁରୁଣାକାଳିଆ ଜଣେ ସବ୍-ଆସିଷ୍ଟାଣ୍ଟ ସର୍ଜନଙ୍କ ଅଧୀନରେ ।

ଷ୍ଟେଟ୍ ମଧ୍ୟରେ ରାସ୍ତାଘାଟର ସେପରି ସୁବିଧା ନଥିଲା । ଅବସ୍ଥା ସବୁଦିଗରେ ଅନୁନ୍ନତ । ଏକମାତ୍ର ସଡ଼କ ବଣେଇଗଡ଼ରୁ ପାନପୋଷ ଷ୍ଟେସନ ପର୍ଯ୍ୟନ୍ତ ଯାଇଥିଲା ୨୬ ମାଇଲ । ପାନପୋଷ ପର୍ଯ୍ୟନ୍ତ ଶେଷ ୧୨ ମାଇଲ ଗାଙ୍ଗପୁର ଷ୍ଟେଟ୍ (ବର୍ତ୍ତମାନ ସୁନ୍ଦରଗଡ଼ ଜିଲ୍ଲା) ମଧ୍ୟରେ । ଏହି ସୀମାନସ୍ଥ ସ୍ଥଳରେ ବଣେଇ ଷ୍ଟେଟ୍‌ର ବାଙ୍କୀ ଥାନା । ବଣେଇଗଡ଼ ନିକଟରେ ବ୍ରାହ୍ମଣୀ ନଦୀ ଓ ଅନେକ ନାଳ ପାରିହୋଇ ଏହି ପଥରେ ଯାତାୟାତ ହେଉଥିଲା । ଆଉ ଗୋଟିଏ ସଡ଼କ ବାମଣ୍ଡା ସୀମା ପର୍ଯ୍ୟନ୍ତ ଯାଇଥିଲା । ଏହି ପଥରେ ଗଲେ ବଣେଇଗଡ଼ରୁ ଆଠ ମାଇଲ ଦୂରରେ ବ୍ରାହ୍ମଣୀ ନଦୀ ପାରିହୋଇ ନଦୀର ଅପର ପାର୍ଶ୍ୱସ୍ଥ ଜାଙ୍ଗଡ଼ା ଗ୍ରାମରୁ ବାମଣ୍ଡା ସୀମା ପର୍ଯ୍ୟନ୍ତ ତିନି ଚାରି ମାଇଲ । ଏହି ପଥରେ ଗଲେ ବାମଣ୍ଡା ମଧ୍ୟସ୍ଥ ବ୍ରାହ୍ମଣୀ ତୀରବର୍ତ୍ତୀ ବାରକୁଟ ଦେଇ କଟକ ଆଡ଼କୁ ଗଲେ ପାଲଲହଡ଼ା, ତାଳଚେର ହୋଇ ତାଳଚେର ଗଡ଼ରୁ ଆଠ ମାଇଲ ଦୂରରେ ସମ୍ବଲପୁର କଟକ ସଡ଼କରେ ପଡ଼ିବାକୁ ହୁଏ ଓ ବାରକୁଟରେ ବ୍ରାହ୍ମଣୀ ନଦୀ ପାର ହୋଇ ଦେବଗଡ଼ ହୋଇ ସମ୍ବଲପୁର ଯିବାକୁ ହୁଏ । ଏହି ପଥରେ ବଣେଇଗଡ଼ରୁ ସମ୍ବଲପୁର ଏକଶତ ମାଇଲ । (କ୍ରମଶଃ)

ପର୍ଦ୍ଦା ପଛର କଥା

ଭାଗ-୨୪

ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ । ପ୍ରାୟ ୭୦ଟିରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି । ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ । ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ ।

॥ ଅନ୍ୱେଷଣ ॥

ବାହୁଡିବେ ମୋ ଜଗା ବଳିଆ ରିଲିଜ୍ କଲା ୨୦୦୩ ମାର୍ଚ୍ଚ ୧୦ ତାରିଖରେ । ଫିଲ୍ମରେ କିଛି ବୈଷୟିକ ସମସ୍ୟା ଦେଖାଦେଲା । ମାତ୍ର ବେଶ୍ ଲୋକପ୍ରିୟ ହୋଇଥିଲା । ବଳିଉଡ୍‌ରୁ ଅଭିନେତା ଶକ୍ତି କାପୁରଙ୍କ ଦମ୍‌ଦାର ଅଭିନୟ ବେଶ ଆକର୍ଷଣୀୟ ଥିଲା ।

ପ୍ରଯୋଜନା ସଂସ୍ଥା ପକ୍ଷରୁ ରେଡିଓରେ ମୋ ଗୀତଟିକୁ ସେଭଳି ପ୍ରଚାର ହେଲାନାହିଁ ଯଦିଓ ବ୍ୟବସାୟିକ ଦୃଷ୍ଟିକୋଣରୁ ଗୀତଟି ଲୋକପ୍ରିୟ ହୋଇ ପାରିଥିଲା । ଭିନ୍ନ ଭିନ୍ନ ଯାତ୍ରା ମେଲୋଡ଼ିରେ ଓ ବ୍ୟାଣ୍ଡପାର୍ଟିରେ ଗୀତଟି ବାଜୁଥିଲା । ମୁଁ ଯେ ହାଲ୍‌କା ଫୁଲ୍‌କା ଗୀତ ଲେଖିପାରେ ଏକଥା ପ୍ରମାଣିତ ହୋଇଗଲା ।

ସେତେବେଳେ ଚାକିରୀ ବେଗୁନିଆ କଲେଜରେ । ଯିବା ଆସିବା ୧୨୦ କିଲୋମିଟର ରାସ୍ତା ପ୍ରତ୍ୟେକ ଦିନ । ଭଲ ଭଲ ଗୀତର ଲିଙ୍କ୍ ମନକୁ ଆସିଲେ ବାଟରେ ଅଟକି ଲେଖି ପକାଉଥିଲି । ଏସବୁ ଭବିଷ୍ୟତରେ କାମରେ ଆସୁଥିଲା । ଧାରାବାହିକରେ କାମ ଚାଲିଥିଲା ପ୍ରଚୁର । ଅଭିନୟ, ଗୀତ ସଂଳାପ ସବୁଥିରେ ବ୍ୟସ୍ତ ଥିଲି । ହଠାତ୍ ଦିନେ ଦୂରଦର୍ଶନ ନିର୍ଦ୍ଦେଶକ ବୈକୁଣ୍ଠ ପାଣିଗ୍ରାହୀ ଫୋନ୍ କଲେ ଅର୍ଜେଣ୍ଟ ଦେଖା କରିବାକୁ ପଡ଼ିବ । ଦେଖାକଲି ପାଣିଗ୍ରାହୀ ବାବୁଙ୍କୁ । ଫକୀରମୋହନଙ୍କ ଉପରେ ଏକ ଧାରାବାହିକ ଦୂରଦର୍ଶନ ପକ୍ଷରୁ ନିର୍ମାଣ କରାଯିବ । ନିର୍ଦ୍ଦେଶନା ଦେବେ ଫକୀରମୋହନଙ୍କ ସଂପର୍କୀୟ ଅଣନାତୁଣୀ ମୋନିକା ଦାସ । ମୋନିକା ଦାସ ଦିଲ୍ଲୀ ଦୂରଦର୍ଶନରୁ ସ୍ୱତନ୍ତ୍ର ଆପ୍ରୁଭାଲ ନେଇ ଆସିଥାନ୍ତି । ଦୂରଦର୍ଶନ ନିର୍ଦ୍ଦେଶକ ପାଣିଗ୍ରାହୀ ବାବୁଙ୍କଠାରୁ ଶୁଣିଲି ଏହି ଧାରାବାହିକଟି ପାଇଁ ବିଜୟ ମିଶ୍ର ମୋ ନାଁ ରେକମେଣ୍ଡ କରିଛନ୍ତି । ଖୁସି ଲାଗିଲା, କାରଣ ଜାତୀୟ ସ୍ତରରେ ଏହି ଧାରାବାହିକରେ ସଂପୃକ୍ତି ଓ ଏଥିପାଇଁ ବିଜୟ ମିଶ୍ର ମୋ ନାଁ ପ୍ରସ୍ତାବ ଦେବା । ଧାରାବାହିକର ଶୀର୍ଷକ 'ଅନ୍ୱେଷଣ' ରଖିବା ପାଇଁ ସ୍ଥିର କରାଗଲା । ନିର୍ଦ୍ଦେଶନା ଦେବାପାଇଁ ଲଲାଟେନ୍ଦୁ ରଥଙ୍କୁ ଦାୟିତ୍ୱ ଦିଆଗଲା । ଶ୍ରୀଯୁକ୍ତ ରଥ ଜଣେ ଅନୁଭବୀ ମଣିଷ ଓ ସଫଳ ଅଭିନେତା । ଆମେ ଦୁହେଁ ମିଶି ଫକୀର ମୋହନଙ୍କ ଉପରେ ଗବେଷଣା ଆରମ୍ଭ କରିଦେଲୁ । କାରଣ ଆମର ଲକ୍ଷ୍ୟ ଥିଲା ଫକୀର ମୋହନଙ୍କ ଉପରେ ବହୁ ଅନାଲୋଚିତ ଦିଗ ଉପରେ ଆଲୋଚନା କରିବା ।

ସୁଟିଂ ବାଲେଶ୍ୱରରେ ହେଲା । ମୁଁ ଲଲାଟେନ୍ଦୁ ବାବୁଙ୍କ ସହ ସୁଟିଂରେ ରହିଲି । ବାଲେଶ୍ୱରର ବହୁ କବି, ସାହିତ୍ୟିକ ତଥା ଗବେଷକମାନଙ୍କ ସହ ଆଲୋଚନା ହେଲା । ବିଶିଷ୍ଟ କବି ସ୍ୱର୍ଗତ ବ୍ରଜନାଥ ରଥ ଆମକୁ ଅନେକ ଦିଗ୍‌ଦର୍ଶନ ଦେଇଥିଲେ । ପୂର୍ବରୁ ଅନେକ ଡକୁମେଣ୍ଟାରୀ ସ୍କ୍ରିପ୍ଟ ସହ ସଂପୃକ୍ତି ଥିଲେ ବି 'ଅନ୍ୱେଷଣ' ମତେ ନୂଆ ଅନୁଭବ ଦେଲା ।

ଲଲାଟେନ୍ଦୁ ବାବୁ ଧାରାବାହିକଟି ନିମନ୍ତେ ବହୁ ପରିଶ୍ରମ କରିଥିଲେ । ଫକୀରମୋହନଙ୍କ ବହୁ ପ୍ରଚାରିତ କ୍ଷୁଦ୍ର ଗଳ୍ପ ଓ ଉପନ୍ୟାସକୁ ନୂତନ ଢଙ୍ଗରେ ପ୍ରଦର୍ଶିତ କରାଯାଇଥିଲା । ହେଲେ ଶେଷ ମୁହୂର୍ତ୍ତରେ ସୁଟିଂ ମ୍ୟାଟରିଆଲ୍‌ରୁ କିଛି ଅଂଶକୁ ବାଦ୍ ଦେବାପାଇଁ ମୋନିକା ମାଡାମ୍ ଜିଦ୍ ଧରି ବସିଲେ । ଲଲାଟେନ୍ଦୁ ବାବୁ ଭୀଷଣ ଅସନ୍ତୁଷ୍ଟ ହେଲେ । ମାତ୍ର ମୋନିକା ମାଡାମ୍‌ଙ୍କ ଜିଦ୍ ରହିଲା ଓ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ବାଦ୍ ଦିଆଗଲା ।

ସେ ଯାହାହେଉ 'ଅନ୍ୱେଷଣ' ସମୁଦାୟ ୬ ଗୋଟି ଅଧ୍ୟାୟରେ ଦୂରଦର୍ଶନରେ ପ୍ରସାରିତ ହେଲା । ବହୁ ବଂଧୁ ଧାରାବାହିକଟିକୁ ଦେଖି ଫୋନ୍ ମାଧ୍ୟମରେ ଶୁଭେଚ୍ଛା ଜଣାଇଲେ । ଏଭଳି ଏକ ଗବେଷଣାମୂଳକ କାର୍ଯ୍ୟରେ ସଂପୃକ୍ତ ଥିବାରୁ ମନରେ ତୃପ୍ତି ଆସିଲା । ସବୁଠୁ ବଡ଼କଥା ହେଲା ସେହି ବର୍ଷ ସର୍ବଭାରତୀୟ ଦୂରଦର୍ଶନ ପ୍ରତିଯୋଗିତାରେ ଶ୍ରେଷ୍ଠ ଏଣ୍ଟ୍ରି ଭାବରେ 'ଅନ୍ୱେଷଣ' ପୁରସ୍କୃତ ହେଲା । ଏହା ଆମ ପାଇଁ କମ୍ ସୌଭାଗ୍ୟର କଥା ନଥିଲା । ଓଡ଼ିଆ ବିଭାଗର ଅଧ୍ୟାପକ ଭାବରେ ଫକୀରମୋହନଙ୍କୁ ଅନୁଶୀଳନ କରିବାର ସୁଯୋଗ ମତେ ଯଥେଷ୍ଟ ସାହାଯ୍ୟ କରିଥିଲା । ଏହି ଧାରାବାହିକରେ ସ୍କ୍ରିପ୍ଟ ପ୍ରସ୍ତୁତ ସମୟରେ ଅଧ୍ୟାପକ ଡ. ଅରବିନ୍ଦ ଗିରି ଓ ଡ. କୈଳାଶ ପଟ୍ଟନାୟକ ପ୍ରମୁଖ ବହୁ ତଥ୍ୟ ପ୍ରଦାନ କରିଥିଲେ ।

ଦୂରଦର୍ଶନ ପକ୍ଷରୁ ଆମକୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା । ମାତ୍ର ଦୁଃଖ ରହିଗଲା ଆୟୋଜିତ ଉତ୍ସବକୁ ମତେ ନିମନ୍ତ୍ରଣ କରାଯାଇନଥିଲା ।

ସବୁଠୁ ବଡ଼କଥା ଥିଲା ଏହି ଧାରାବାହିକଟିରେ ଫକୀରମୋହନଙ୍କ "ପେଟେଣ୍ଟ ମେଡିସିନ୍" ଗଳ୍ପଟିକୁ ପାରମ୍ପରିକ କଣ୍ଟେଇ ନାଟରେ ଅକ୍ଷୟ ମହାନ୍ତିଙ୍କ ସ୍ୱର ସଂଯୋଜିତ ଗୀତାଭିନୟକୁ ପରିବେଷଣ କରାଯାଇଥିଲା । ସବୁଠାରୁ ମଜାକଥା ହେଲା ଫକୀରମୋହନଙ୍କ ଚରିତ୍ରରେ ଅଭିନୟ କରିବା ପାଇଁ ଅଭିନେତା ଚୟନ । ଶେଷରେ ଲଲାଟେନ୍ଦୁ ବାବୁ ହଠାତ୍ ଜଣେ ଅଭିନେତାଙ୍କୁ ଆବିଷ୍କାର କଲେ । ଅଭିନେତା ଜଣକ ପୂର୍ବରୁ କିଛି କିଛି ଧାରାବାହିକରେ ଅଭିନୟ କରୁଥିଲେ । ଫକୀରମୋହନଙ୍କ ଅବିକଳ ଚେହେରା ଭଳି ମନେ ହେଲା, ଭଲ ଅଭିନୟ ମଧ୍ୟ କରିଥିଲେ ।

ପରବର୍ତ୍ତୀ କାଳରେ ଫକୀର ମୋହନଙ୍କର ଅନ୍ୟ କେତୋଟି ଗପକୁ ସ୍କ୍ରିପ୍ଟ କରିବାର ସୁଯୋଗ ପାଇଥିଲି । କିଛି ତିକ୍ତ ମଧୁର ଅନୁଭୂତି ବି ସାଉଁଟି ଥିଲି । ତେବେ ସବ୍ୟଦା'ଙ୍କ ସହିତ ରାଣ୍ଡିପୁଅ ଅନନ୍ତାର ସ୍ମୃତି ଏବେବି ସଜଳ । (କ୍ରମଶ

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୧୪ ନଭେମ୍ବର, ୨୦୨୧

ପ୍ରେମରେ୍ ପ୍ରେମରେ୍ ଗୀତି ....(୨୩)



॥ ଅଜଣା ସହରେ ଆଜି ॥

ଆସ ପାନ୍ଥଶାଳା ହଜିଯିବା ଆମେ
ଅଜଣା ସହରେ ଆଜି,
ସୂର୍ଯ୍ୟ, ଚନ୍ଦ୍ର, ତାରା କେହି ବି ଆମକୁ
ପାଇବେନି ଖୋଜିଖୋଜି ।

ନିଛାଟିଆ ତମ ମନ ତଳେ ସେଇ
ଗହନ ବନରେ ଗୋରୀ!
ରାତି କଟାଇବା ଆମେ ଦୁଇ ପକ୍ଷୀ
ଛୋଟ ନୀଡ଼ଟିଏ କରି
ଲେଖୁଥିବି ତୁମ ପ୍ରୀତିର ପଠାରେ
କବିତାର ପଦ ହେଜି ।

ପ୍ରତି କବିତାରେ ଦହନର କଥା
ତୁମଠୁ ଆରମ୍ଭି ଥିବ,
ମୁଠାଏ ପାଉଁଶ ଧରି ରାତି ଶେଷେ
ମୋତେ ଫେରିବାକୁ ହେବ,
ପାଉଁଶଠୁ ବେଶି ଜଳିବାର ଖୁସି
ଆଉ କେ ପାରିବ ବୁଝି ।

■ ବିପିନ ମହାନ୍ତି

❤ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨ (ମୋ) ୯୮୬୧୧୪୪୯୯୧



■ ଆଲୋଚନା ■

ତେଲ ଦରରେ ନିଆଁ

ସୁବ୍ରତ ପଟ୍ଟନାୟକ

ବଜାରରେ ହୁ ହୁ ବଢୁଛି ତୈଳ ଦର। ଆମେ ଖାଇବା ତେଲ କଥା କହୁନେ। କହୁଚେ- ପେଟ୍ରୋଲ ଓ ଡିଜେଲ କଥା। ଏବେ, ଏହାର ଲିଟର ପିଛା ଦର ପାଖାପାଖି ଶହେ। ଫଳରେ ବଢୁଚି ସବୁ ଜିନିଷ ପତ୍ରର ଦରଦାମ୍। ଯାତ୍ରୀ ପରିବହନ ଓ ମାଲ୍ ପରିବହନ ଭଡ଼ା ବଢ଼ିଲେ, ସାଧାରଣ ଜନତା ହେବେ ହନ୍ତସନ୍ତ। ଏ କଥା ଧ୍ରୁବ ସତ୍ୟ।

ପେଟ୍ରୋଲ, ଡିଜେଲ ଦର ଏତେ ବଢୁଚି କାହିଁକି ? ଏଥିରେ ଲଗାମ୍ ଲଗାଇ ହେବ କି ? ପୁରା କମାଇ ନହେଲେ ବି ଜନତାଙ୍କୁ ସୁହାଇଲା ଭଳି ଦର କରି ହେବକି ? ଏ ସମ୍ପର୍କରେ ଆଲୋଚନା ଅତ୍ୟନ୍ତ ଜରୁରୀ। କେତେକଙ୍କର ଧାରଣା- ପେଟ୍ରୋଲ, ଡିଜେଲ ଆଦି ଅନ୍ୟ ଦେଶରୁ ଆମଦାନୀ ହେଉଥିବାରୁ ଏହାର ଦର ନିୟନ୍ତ୍ରଣ ଅସମ୍ଭବ। ମାତ୍ର, ଏ ଧାରଣାଟି ସମ୍ପୂର୍ଣ୍ଣ ସତ ନୁହେଁ। ପରିବହନ ଖର୍ଚ୍ଚ ସହିତ ବିଦେଶରୁ ଆମଦାନୀ ହେଉଥିବା ପେଟ୍ରୋଲ, ଡିଜେଲର ଲିଟର ପ୍ରତି ଦର ପ୍ରାୟ ୫୦ ଟଙ୍କା। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଟିକସ ମିଶିବାରୁ ଲିଟର ପ୍ରତି ଦର ଶହେ ଛୁଁଉଛି। କେନ୍ଦ୍ର ସରକାର ଏକ୍ସାଇସ୍ ଓ ସେସ୍ ରାଜ୍ୟ ସରକାର ଭାଟ୍ ଲଗାଉଛନ୍ତି। ତେଣୁ, ଆନ୍ତର୍ଜାତୀୟ ବଜାରରେ ତୈଳ ଦର ବୃଦ୍ଧି ଏକମାତ୍ର କାରଣ ନୁହେଁ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିଭିନ୍ନ ଟିକସ ମଧ୍ୟ ଅନ୍ୟ କାରଣ। ଯଦି ଏସବୁ ଟିକସକୁ ହଟାଇ କେବଳ 'ଜିଏସଟି' ବ୍ୟବସ୍ଥା କରାଯାଆନ୍ତା, ତେବେ ତେଲ ଦର ଅନେକ ପରିମାଣରେ କମାଯାଇପାରନ୍ତା। ମାତ୍ର ସେ ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆନ୍ତରିକତା ଶୂନ୍ୟ।

ଏବେ କେନ୍ଦ୍ର ସରକାର ପେଟ୍ରୋଲ ଲିଟର ପ୍ରତି ୫ ଟଙ୍କା ଓ ଡିଜେଲ ଲିଟର ପ୍ରତି ୧୦ ଟଙ୍କା ହ୍ରାସ କରିଛନ୍ତି। ଆମ ବ୍ୟାଚେଲର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ 'ଭାଟ' ହ୍ରାସ କରିଛନ୍ତି। ଅଣ-ଏନଡିଏ ସରକାର ଭାବେ ଭାଟ ହ୍ରାସ କରିବାରେ ସେ ପ୍ରଥମ। ସେଥିପାଇଁ ତାଙ୍କୁ ଅଶେଷ ଧନ୍ୟବାଦ। ତେଲ ଦର ଲିଟର ପିଛା ୫ ଓ ୧୦ ଟଙ୍କା କମାଇବା ଫଳରେ କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷ ୪୫,୦୦୦କୋଟି ଟଙ୍କା ହରାଇବେ। ଏହି ସମୟ ମଧ୍ୟରେ ତେଲ ବିକ୍ରିରୁ ୪,୦୦,୦୦୦ କୋଟି ଟଙ୍କାର ରାଜସ୍ୱ ଆଦାୟର ଲକ୍ଷ୍ୟ ଥିଲା। ଅର୍ଥାତ, କେନ୍ଦ୍ର ସରକାର ଏବେ ବି ୩,୫୫,୦୦୦ କୋଟି ଟଙ୍କା ରାଜସ୍ୱ ପାଇବେ।

ଏଠାରେ ପ୍ରଶ୍ନ ଉଠେ- ଯଦି ଆନ୍ତର୍ଜାତୀୟ ତୈଳ ବଜାରରେ ମୂଲ୍ୟବୃଦ୍ଧି ନ ଘଟେ, ତେବେ ଦେଶରେ କିମ୍ବା ଓଡ଼ିଶାରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିବ କି ? ସିଧାସଳଖ ଉତ୍ତର- ନା। କାରଣ, ପ୍ରତ୍ୟେକ ସରକାର ନିର୍ବାଚନକୁ ଆଖି ଆଗରେ ରଖି ତେଲଦର କମାଇଥାନ୍ତି। ଏହା ଏକ ନିର୍ବାଚନୀ ଚାଲ୍। ଆଗକୁ ଉତ୍ତରପ୍ରଦେଶ ଓ ଅନ୍ୟ କେତୋଟି ରାଜ୍ୟରେ ବିଧାନସଭା ନିର୍ବାଚନ ରହିଛି। ସେ ଦୃଷ୍ଟିରୁ କେନ୍ଦ୍ର ସରକାର ତେଲଦର କମାଇଲେ। ଓଡ଼ିଶାରେ ପଂଚାୟତ ନିର୍ବାଚନ ମୁଣ୍ଡ ଉପରେ ଥିବାରୁ ରାଜ୍ୟ ସରକାର ନିଜର କରୀସ୍ଥା ଦେଖାଇଲେ। ଅର୍ଥାତ ତେଲ ଦର ବୃଦ୍ଧି ଉପରେ କେହି କାହାକୁ ଆଙ୍ଗୁଳି ଦେଖାଇ ପାରିବେନାହିଁ। ଏହି ନିର୍ବାଚନ ସରିବା ପରେ ପେଟ୍ରୋଲ, ଡିଜେଲ ଦର ଯେ ଅତୁଟ ରହିବ, ସେ ଗ୍ୟାରେଂଟି ଦେଇ ହେବ ନାହିଁ। ଦର ବଢ଼ିଲେ ବି ଭୋଟରଗଣ ପାଂଚ ବର୍ଷ ପର୍ଯ୍ୟନ୍ତ କାନ ମୁଣ୍ଡ ଆଉଁଷି ଚୁପ୍ ରହିବେ। ପେଟ୍ରୋଲ, ଡିଜେଲ ଆଦିରେ ଯଦି 'ଜିଏସଟି' ଲାଗୁ ହୁଅନ୍ତା, ତେବେ ସାରା ଦେଶରେ ତେଲ ଦର କୋହଳ ହୁଅନ୍ତା। ତାହା କରିବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସମ୍ପୂର୍ଣ୍ଣ ନାରାଜ।

ପେଟ୍ରୋଲ, ଡିଜେଲ ଦର କମିବା ପରେ ରାଜ୍ୟ ସରକାର ବସ୍ ଭଡ଼ା କମାଇବାକୁ ଘୋଷଣା କଲେ। ଅଡିନାରୀ ବସ୍‌ରେ କିଲୋମିଟର ପିଛା ୫ ପଇସା, ଡିଲକ୍ସ ଓ ଏସି ଡିଲକ୍ସ ବସରେ କିଲୋମିଟର ପିଛା ୧୦ ପଇସା ଓ ସୁପର ପ୍ରିମିୟମ୍ କାଟାଗୋରୀ ବସରେ କିଲୋମିଟର ପିଛା ୧୫ ପଇସା କମାଇବାକୁ ନିର୍ଦ୍ଦେଶ ଦିଆଗଲା। ଫଳରେ, ଅଡିନାରୀ ବସ୍ କିଲୋମିଟର ପିଛା ୮୭ ପଇସା, ଏକ୍ସପ୍ରେସ୍ ବସ୍ ୯୧ ପଇସା, ଡିଲକ୍ସ ଓ ଏସି ଡିଲକ୍ସ ୧ଟଙ୍କା ୨୫ ପଇସା, ସୁପର ପ୍ରିମିୟମ ବସ୍ ୨ଟଙ୍କା ୩୮ ପଇସା ଧାର୍ଯ୍ୟ ହେଲା। ଉଦାହରଣ ସ୍ୱରୂପ- ଭୁବନେଶ୍ୱରରୁ ରାଉରକେଲାକୁ (ମୋଟ୍ ୩୩୫ କିଲୋମିଟର) ଅଡିନାରୀ ବସରେ ଯାତ୍ରୀ ପ୍ରତି ୨୯୧ ଟଙ୍କା, ଏକ୍ସପ୍ରେସ୍ ବସରେ ୩୦୫ ଟଙ୍କା, ଡିଲକ୍ସ ବସରେ ୪୧୯, ଏସି ଡିଲକ୍ସରେ ୫୧୩ ଓ ସୁପର ପ୍ରିମିୟମରେ ୭୯୭ ଟଙ୍କା ଭଡ଼ା ଦେବାକୁ ପଡ଼ିବ। ପ୍ରତ୍ୟେକ ରୁଟ୍‌ରେ ଚଳପ୍ରଚଳ କରୁଥିବା ବସ୍‌ଗୁଡ଼ିକ ଯାତ୍ରୀ ଭଡ଼ା ଓ ବସ୍ କାଟେଗୋରୀ ସମ୍ପର୍କରେ ଫଳକ ବା ସାଇନବୋର୍ଡ଼ ଲେଖିବା ଜରୁରୀ। ମାତ୍ର ଅଧିକାଂଶ ବସରେ ଏହି ସୂଚନା ନଥିବାରୁ ଯାତ୍ରୀଗଣ ହରଡ଼ଘଣାରେ ପଡୁଛନ୍ତି। କେତେକ ବସ୍ ଅଳ୍ପ କେତେ ମିନିଟ୍ ଏସି ଚଲାଇ ପୁରାପୁରି ଏସି ସୁପର ଡିଲକ୍ସର ଭଡ଼ା ଅସୁଲ କରୁଛନ୍ତି। ବସରେ କୌଣସି ଯାତ୍ରୀ ଛିଡ଼ା ହୋଇ ଯାତ୍ରା କରିବାର ନିୟମ ନଥିଲେ ହେଁ, ଏହାର ଖୁଲ୍ଲମ୍‌ଖୁଲ୍ଲା ଉଲଘଂନ କରାଯାଉଛି। ଆଶ୍ଚର୍ଯ୍ୟର କଥା-ସିଟରେ ବସିଥିବା ଯାତ୍ରୀ ଯେତିକି ଭଡ଼ା ଦେଉଛି, ସିଟ୍ ନ ପାଇ ଛିଡ଼ା ହୋଇଥିବା ଯାତ୍ରୀଟି ପାଖରୁ ଠିକ୍ ସେତିକି ଭଡ଼ା ଆଦାୟ କରାଯାଉଛି। ସେଥିପାଇଁ ଯାତ୍ରୀ ଓ କଣ୍ଟକ୍ଟର ମଧ୍ୟରେ ଦୈନିକ ଯୁକ୍ତିତର୍କ ଲାଗୁଛି। ସଡ଼କ ପରିବହନ ବିଭାଗ ବା ଆରଟିଓ ନିୟମ ଅନୁଯାୟୀ ପ୍ରତି ଯାତ୍ରୀ ଟିକେଟ୍ ପାଇବା ଉଚିତ୍। ଏହି ଟିକେଟରେ ବସ୍ ନମ୍ବର, କାଟେଗୋରୀ, ତାରିଖ, ଗନ୍ତବ୍ୟ ସ୍ଥାନ, ବସ ଭଡ଼ା ଆଦି ଟିକିନିଖି ଭାବେ ଲେଖାଯିବା କଥା। ମାତ୍ର କଣ୍ଡକ୍ଟରଗଣ ଛଟା ଇଂରାଜୀରେ ଟିକେଟରେ କଣ ଲେଖନ୍ତି, ତାର ଟେର୍ କେହି ପାଆନ୍ତି ନାହିଁ। ଡିଜେଲ ଦର ବଢ଼ିଲେ, ବସ ମାଲିକ ଭଡ଼ା ବଢ଼ାଇବାକୁ ସ୍ୱର ଉଠାନ୍ତି। ବେଳେବେଳେ ପ୍ରତିବାଦସ୍ୱରୂପ ବସ୍ ଚଳାଚଳ ବନ୍ଦ କରନ୍ତି। *"ମାତ୍ର ଯାତ୍ରୀ ଭଡ଼ା ବଢ଼ିଲେ, ମାନବିକତା ଦୃଷ୍ଟିରୁ ଡ୍ରାଇଭର, କଣ୍ଡକ୍ଟର ଓ ହେଲପର ଆଦିଙ୍କ ଦରମା ବଢ଼ାଇ ନଥାନ୍ତି। ଯଦି କୌଣସି ବସ୍ କର୍ମଚାରୀ ଦରମା ବଢ଼ାଇବାକୁ ଦାବି କଲା, ତେବେ ତାର ଚାକିରି ଖଣ୍ଡିକ ତତ୍‌କାଳ ହିଁ ଗଲା।"* ଏଭଳି ମାନସିକତାରେ ପରିବର୍ତ୍ତନ ଆବଶ୍ୟକ। ସଡ଼କ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଏସବୁ ପ୍ରତି ଧ୍ୟାନ ଦେବା ଜରୁରୀ। ଆମ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶରେ ସାମ୍ବାଦିକମାନଙ୍କୁ ସରକାରୀ ଓ ବେସରକାରୀ ବସରେ ମାଗଣା ଯାତ୍ରା ସୁବିଧା ଦିଆଯାଇଛି। ବ୍ୟାଚେଲର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାରେ ସେ ଦିଗରେ ଠୋସ୍ କଦମ୍ ନେଇ ପାରନ୍ତେ। ସ୍ୱିକୃତିପ୍ରାପ୍ତ ସାମ୍ବାଦିକମାନଙ୍କୁ ଏହି ସୁବିଧା ପ୍ରଦାନ କରାଯାଇପାରନ୍ତା। ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ୫ଟି ସଚିବ ଭିକେ ପାଣ୍ଡିଆନ୍ ମୁଖ୍ୟମନ୍ତ୍ରୀଙ୍କୁ ଏ ପ୍ରସ୍ତାବ ଦେଇପାରନ୍ତେ। ଟ୍ରେନରେ ସାମ୍ବାଦିକଙ୍କୁ ଯାତ୍ରା କରିବାର ପାସ୍ ମିଳୁଥିଲେ ହେଁ ବସ୍ ଯାତ୍ରାରେ ତାହା କାହିଁକି ପାଳନ କରାଯାଉନାହିଁ, ତାହା ଆଶ୍ଚର୍ଯ୍ୟର ବିଷୟ। ଆମେ କହିବା କାହାକୁ, ଶୁଣୁଚି କିଏ ? ?

❤ ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪

ଧାରାବାହିକ ଉପନ୍ୟାସ

ରାଜନୀତି

ସୃଷ୍ଟିଧର ପରିଡା

❤ ଦେବଶ୍ରୁତି ନିବାସ, ଜେଲରୋଡ, ବାଲେଶ୍ୱର, (ମୋ)୯୪୩୭୦୬୩୭୦୫

ରାଜନୀତି ପାଇଁ ମଣିଷ କେମିତି ତୁଚ୍ଛ କରିଦିଏ ନିଜ ଘର, ଦ୍ୱାର, ଆତ୍ମୀୟ-ସ୍ୱଜନ, ବଂଧୁ ପରିଜନଙ୍କୁ , ତାହାହିଁ ମୋତେ ଅନେକାଂଶରେ ବିବ୍ରତ କରେ, ଯାହାକୁ ନେଇ ଏଇ ଉପନ୍ୟାସର ସୃଜନ। ଲେଖକଟିଏ ନିଜ ଭିତରେ ଆଶାବାଦର ସ୍ୱପ୍ନଦେଖେ, ପୂରଣ ନହେଲେ ନିରାଶାରେ ବୁଡିଯାଏ ଏବଂ ସେଥିରେ ତା' ସ୍ୱପ୍ନ ଭାଂଗିଯାଏ ଏବଂ ସେ ସେସବୁକୁ ଗୋଟେଇଗାଟେଇ ନିଜ ଲେଖାରେ ଚିତ୍ରରୂପ ଦିଏ, ଏହା ମୋର ବି ପ୍ରୟାସ । - ଲେଖକ

ଭାଗ-୧୧
(ପୂର୍ବ ପ୍ରକାଶିତ ଉତ୍ତାରୁ..)

ମନ୍ତ୍ରୀ ବିଜୟାନନ୍ଦଙ୍କ ପ୍ରତି ଥିବା ଘୃଣା ବିତୃଷ୍ଣା ବଢିବଢି ଚାଲୁଥିଲେ ବି ସମସ୍ୟାର ସମାଧାନ କରିବାର ବାଟ ନଥିଲା ମୌସୁମୀ ପାଖରେ । ଆପଣା ସୁନା ତ ଭେଣ୍ଡି । କହିବ କାହାକୁ ? ସେ ସାଲିସ୍ କରିନେଇଥିଲା ନିଜକୁ ପରିସ୍ଥିତି ସହ । ସେ ଉପଲବ୍ଧି କରିସାରିଥିଲା ଉଭୟ ଓମ୍ ଓ ବିଜୟାନନ୍ଦ ଗୋଟିଏ ମୁଦ୍ରାର ଦୁଇଟି ପାଖ । ଜଣେ ରାଜନୀତିରେ ରହିବା ପାଇଁ ତ ଆଉ ଜଣେ ଖାସ୍ ରାଜନୀତି କରିବା ପାଇଁ ଖେଳ ଖେଳନ୍ତି । ସମ୍ପର୍କକୁ ପଛ କରିଦିଅନ୍ତି । ବିଜୟାନନ୍ଦ ପାଇଁ ତା' ମନରେ ସେମିତି କିଛି ଦ୍ୱନ୍ଦ୍ୱ ନଥିଲା । କିନ୍ତୁ ଓମ୍ ଯାହାକୁ କେନ୍ଦ୍ର କରି ତା' ସ୍ୱପ୍ନ, ତା' ସଂସାର, ତା' ଜୀବନ, ସିଏ ଯଦି ଏମିତି କକ୍ଷଚ୍ୟୁତ ଗ୍ରହ ପରି ହେବେ ତେବେ ? କାହାକୁ ନେଇ ବାହିବ ତା' ଜୀବନ ତରୀ ? କାହାକୁ ନେଇ ଚାଲିବ ଜୀବନର ଲମ୍ୟା ରାସ୍ତା ?

ମନେମନେ ଭାବୁଥିଲା - ଘରର ମେରୁଦଣ୍ଡ ଯଦି ନିଜର ସମ୍ମାନ ଓ ପଦମର୍ଯ୍ୟାଦାକୁ ଭୁଲି ଯାଏ ତାକୁ ସମ୍ମାନ କରିବ କିଏ ? ତାକୁ ଲାଗୁଥିଲା ଓଁକାରନାଥଙ୍କୁ ଶତ ଚେଷ୍ଟା ସତ୍ତ୍ୱେ ସେ ଠିକ୍ ବାଟକୁ ଆଣି ପାରିବ ନାହିଁ । ସମ୍ପର୍କ ଯୋଡ଼ିବା ପାଇଁ ଦୁଇଟା ଦେହର କେବଳ ଆବଶ୍ୟକତା ନାହିଁ ସେଠି ଦୁଇଟି ମନ ଏକ ହେବା ଦରକାର । ଆଜି ସେତକ ଓଁକାରନାଥଙ୍କ ଠାରୁ ଆଶା କରିବା ବୃଥା ।

॥ ୫ ॥

ଅଭିଷେକ ସାନ ହୋଇଥିଲାବେଳେ କେଉଁଠି ପାଠ ପଢ଼ିବ, କ'ଣ ଖାଇବ, କୋଉ ଟିଉଟରଙ୍କ ପାଖେ ଟିଉସନ ହେବ, ଏସବୁକୁ ନେଇ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ଚାଲିଥିଲା । ଦୁହେଁ ରାଜନୀତିରେ ବ୍ୟସ୍ତ ଥିଲେ ବି ସେତେବେଳେ କେବଳ ଅଭିଷେକକୁ ନେଇ ହିଁ ସମଗ୍ର ପରିବାର ମୁଖରିତ ହୋଇ ଉଠୁଥିଲା । ଭୁଲି ହୋଇ ଯାଉଥିଲା ଉଭୟଙ୍କ ଭିତରର ତିକ୍ତତା । ଅଭିଷେକ ପାଇଁ ସେମାନେ ଦୁହେଁ ଦୁହିଁଙ୍କୁ ବରଦାସ୍ତ କରୁଥିଲେ ବାଧ୍ୟତଃ । ଘରେ ଯେତେବେଳେ ନିସ୍ତରଙ୍ଗ ପରିବେଶ ତିଆରି ହେଉଥିଲା, ସେତେବେଳେ କେବଳ ଅଭିଷେକ ପାଇଁ ହିଁ ସେ ଘର ହେଉଥିଲା ରଙ୍ଗମୟ । ସତେ ଯେମିତି ଥୁଣ୍ଟା ଗଛରେ ପୁଣି କଅଁଳି ଉଠୁଥିଲା ପତ୍ର । ଚଢ଼େଇମାନେ ଆସି ବସା ବାନ୍ଧୁଥିଲେ । ନିରାଶା ଭିତରେ ଆଶାବାଦର ଝରଣା କୁଳୁକୁଳୁ କରୁଥିଲା । ବେଳେବେଳେ ସେଇ ଅଭିଷେକ ପାଇଁ ଓଁକାରନାଥ ଓ ମୌସୁମୀଙ୍କ ଜୀବନ ସଜାଡି ହୋଇ ଯାଉଥିଲା । ଦୁହିଁଙ୍କ ଭିତରେ ଥିବା ମତାନ୍ତର ଉଭେଇ ଯାଉଥିଲା । ଦୁହିଁଙ୍କ ଭିତରୁ କେହି ଚାହୁଁନଥିଲେ ପୁଅର ଜୀବନ ଉପରେ ସେମାନଙ୍କ ମତାନ୍ତର ବା ମନାନ୍ତରର ଛାଇ ପଡୁ । ବାପା ମା' ଉଭୟଙ୍କର ସ୍ନେହ ଆଦର, ସାନବାପା ଆଉ ସାନମା'ଙ୍କର ପ୍ରତ୍ୟକ୍ଷ ଯତ୍ନ ଓ ତତ୍ତ୍ୱାବଧାନ ଭିତରେ ଅଭିଷେକର ପିଲାଦିନ ଖୁସିରେ କଟିଯାଇଥିଲା । ସ୍କୁଲ ଶିକ୍ଷା ପରେ ଉଚ୍ଚଶିକ୍ଷା ପାଇଁ ଅଭିଷେକକୁ ଗାଁରୁ ବାହାରକୁ ପଠେଇଦେବାକୁ ମନସ୍ଥ କରିଥିଲା ମୌସୁମୀ । ସେ ଚାହୁଁନଥିଲା ଓମ୍‌ଙ୍କ ମଦନିଶା, ବ୍ୟବହାର ଆଉ ତାଙ୍କ ସ୍ୱାମୀସ୍ତ୍ରୀଙ୍କ ଭିତରେ ବାରମ୍ବାର ଘଟୁଥିବା ତିକ୍ତ ମନୋମାଳିନ୍ୟ ଯେପରି ତା ଜୀବନ ଆକାଶକୁ ସ୍ପର୍ଶ ନକରୁ । ସ୍ୱାମୀ ସ୍ତ୍ରୀ ଭିତରର ଅବୁଝାମଣା, ଦ୍ୱନ୍ଦ୍ୱ ତା ଜୀବନକୁ ଯେପରି ନଷ୍ଟ କରି ନଦେଉ ।

ଅଭିଷେକ ଯାଇଥିଲା ଭୁବନେଶ୍ୱରର ଗୋଟେ ଘରୋଇ ଶିକ୍ଷାନୁଷ୍ଠାନକୁ ।

ଜୀବନର ମୁଳୁଦୂଆ ଦୁର୍ବଳ ହୋଇ ଚାଲିଥିଲା ବେଳେ ବଢ଼ିବଢି ଚାଲିଥିଲା ଉଭୟ ମୌସୁମୀ ଓ ଓଁକାରନାଥଙ୍କର ରାଜନୀତିକ ପ୍ରତିଷ୍ଠା । ଓଁକାରନାଥଙ୍କ ସାଂଗଠନିକ ଶକ୍ତି, ମନର ଦୃଢ଼ତା ଓ ବାକ୍‌ପଟୁତାରେ ସାଧାରଣ ଜନତା ତାଙ୍କର ଖୁବ୍ ନିକଟତର ହୋଇ ପାରିଥିଲେ । ତାଙ୍କର ଲୋକସଂପର୍କ ସମଗ୍ର ନିର୍ବାଚନ ମଣ୍ଡଳୀରେ ଦୃଢ଼ ହୋଇ ଚାଲିଥିଲା । ସମଗ୍ର ନିର୍ବାଚନ ମଣ୍ଡଳୀରେ ସୃଷ୍ଟି ହୋଇଥିଲା ସ୍ୱତନ୍ତ୍ର ପତିଆରା ।

ଦିନ ପରେ ଦିନ ବିତୁଥିଲା, ମାସ ପରେ ମାସ ଏବଂ ବର୍ଷ ପରେ ବର୍ଷ ।

ରାଜନୀତିର ପଙ୍କିଳ ମଇଦାନ ଭିତରେ ଅଣନିଶ୍ୱାସୀ ହୋଇ ବାଟ ଚାଲୁଥିଲା ମୌସୁମୀ । ଅନିଚ୍ଛା ଭିତରେ ପେଶି ହୋଇ ଯାଉଥିଲା ଜୀବନ କେବଳ ଓଁକାରନାଥଙ୍କ ଜୀବନର ଗୋଟିଏ ସ୍ୱପ୍ନ ପାଇଁ । ଦିନଟିଏ ତାକୁ ଲାଗୁଥିଲା ଯେମିତି ଦାୟିତ୍ୱର ପାହାଡ । କୋଉଦିନ ମୁକ୍ତି ମିଳିବ ତାକୁ ଏ ନର୍କ ଭିତରୁ କେଜାଣି ! ସିଏ ବି ଅପେକ୍ଷା କରୁଥିଲା କୋଉଦିନ ବିଧାନସଭା ନିର୍ବାଚନର ତାରିଖ ଘୋଷଣା ହେବ ଏବଂ ସିଏ ଓମ୍‌ଙ୍କୁ ବିଧାୟକ ପଦବୀରେ ବସେଇ ସାରିଲା ପରେ ମାଗିବ ଏଥିରୁ ମୁକ୍ତି ।

ମନ୍ତ୍ରୀ ବିଜୟାନନ୍ଦ ଆଗାମୀ ବିଧାନସଭା ପାଇଁ ହାଇକମାଣ୍ଡଙ୍କ ପାଖରେ ଓଁକାରନାଥଙ୍କ ବିଷୟରେ ସୁପାରିଶ କରି ସାରିଥିଲେ। ତାଙ୍କର ବ୍ୟକ୍ତିତ୍ୱ, ସାଂଗଠନିକ ଶକ୍ତି, ଲୋକପ୍ରିୟତା ବିଷୟରେ ହାଇକମାଣ୍ଡଙ୍କୁ ଅନେକ ଥର ଅବଗତ କରାଇଥିଲେ । ହାଇକମାଣ୍ଡ ମଧ୍ୟ ଓଁକାରନାଥଙ୍କ ଲୋକପ୍ରିୟତାକୁ ଦେଖି ସବୁଜ ସଂକେତ ଦେଇଥିଲେ।

ନିର୍ଦ୍ଧାରିତ ସମୟରେ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇ ଯାଇଥିଲା । ବିଜୟାନନ୍ଦଙ୍କ ନିର୍ବାଚନ ମଣ୍ଡଳୀକୁ ଲାଗି ଅନ୍ୟ ଏକ ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ହୋଇଥିଲେ ଓଁକାରନାଥ । ତାଙ୍କର ବହୁ ଦିନର ସ୍ୱପ୍ନ ସାକାର ହେବାକୁ ଯାଉଛି ବୋଲି ସେ ମୌସୁମୀ ଆଗରେ ପ୍ରଗଲ୍ଭ ହୋଇ କହିଥିଲେ ବି କୌଣସି ପ୍ରତିକ୍ରିୟା ପ୍ରକାଶ କରିନଥିଲା ମୌସୁମୀ । ନିରବ ରହିଥିଲା। ମୌସୁମୀ ଜାଣେ ତା' ମତାମତର କୌଣସି ମୂଲ୍ୟନାହିଁ । ହାତରେ ଜହ୍ନ ଧରିବାର ସ୍ୱପ୍ନ ଦେଖୁଥିବା ମଣିଷକୁ ବାସ୍ତବତାର କଥା ଭଲ ଲାଗେନାହିଁ । ଯୋଉଦିନ ସ୍ୱପ୍ନ ଭାଂଗିଯିବ ସେଦିନ ହୁଏତ କିଛି ବୁଝିବେ ଓମ୍ । ନହେଲେ ନିଜେ ଭାସିବା ସହ ସସମସ୍ତଙ୍କୁ ଭସେଇ ଦେବାର ଯୋଉ ଯୋଜନା ଓମ୍‌ଙ୍କର, ସେଥିରେ ନିଜକୁ କେବଳ ବଢନ୍ତା ନଈରେ କୁଟାଖିଏ ହେବା ବ୍ୟତୀତ ଅନ୍ୟ କିଛି ଚାରା ନାହିଁ ତାର । ଯୋଉଁ ଓମ୍ ତା' ମତ ବିନା କିଛି ବି କରୁନଥିଲେ, ରାଜନୀତିରେ ପାଦ ଦେଲାଦିନୁ ବିନା ମତରେ ସବୁକିଛିକୁ କରେଇନେବାକୁ ଉଚିତ୍ ମଣୁଛନ୍ତି, ଏହା ବିଡମ୍ବନା ବ୍ୟତୀତ କ'ଣ ହୋଇପାରେ !

ସମୟ ସମୟରେ ଅତି ଦୁଃଖରେ ଭାଙ୍ଗିପଡ଼େ ମୌସୁମୀ । ଖୁବ୍ ବିମର୍ଷ ହୋଇ ପଡେ ଭବିଷ୍ୟତକୁ ନେଇ । ଭାବେ ମାଙ୍କଡ଼ ହାତରେ ଭଗବାନ ମଣିମୁକ୍ତା ଓଜାଡ଼ି ଦେଲା ପରି ନିର୍ବାଚନ ମଣ୍ଡଳୀର ସାଧାରଣ ଲୋକ ଆଜି ଓଁକାରନାଥଙ୍କ ମୁଣ୍ଡରେ କ୍ଷମତାର ମୁକୁଟ ପିନ୍ଧାଇବାର ନେଇଥିବା ସିଦ୍ଧାନ୍ତ ଠିକ୍ ସେମିତି ହେବ । ଯୋଉ ଓମ୍ ରାଜନୀତିରେ ପାଦ ଦେଉଦେଉ ନିଜର ଚରିତ୍ରକୁ ବଳି ପକେଇ ଦେଇ ସାରିଲେଣି, ସିଏ ଯେ ଲୋକଙ୍କର ବିଶ୍ୱସ୍ତ ସେବକ ହୋଇପାରିବେ, ତାହା ଅବିଶ୍ୱାସ୍ୟ । ସେମାନେ ଆଜି ଜାଣିପାରୁ ନାହାନ୍ତି ରାଜନୀତି କରୁଥିବା ଲୋକଙ୍କ ନିକଟରେ ବିଶ୍ୱାସ ଅବିଶ୍ୱାସର କିଛି ମାନେ ନଥାଏ । ଯୋଉ ଯୋଉ ନେତାଙ୍କୁ ଆଜି ସେମାନେ ବିଶ୍ୱାସ କରୁଛନ୍ତି, ସେଇ ନେତାମାନଙ୍କର ନିଜ ଉପରେ ବିଶ୍ୱାସ ଅଛି ତ ? ପ୍ରାୟ ରାଜନୀତି କରୁଥିବା ନେତାଙ୍କର ଚରିତ୍ର ଏକାଭଳି । ସେମାନଙ୍କର ବିଶ୍ୱାସ ଓ ଅବିଶ୍ୱାସର ଖେଳ ଭିତରେ ସାଧାରଣ ଲୋକ ଅଣନିଃଶ୍ୱାସୀ । ଓଁକାରନାଥ କଣ ଏକଥାକୁ ଏବେ ବୁଝି ପାରିବେ ନା ବୁଝିବେ ତାଙ୍କ ନିର୍ବାଚନ ମଣ୍ଡଳୀର ଲୋକେ ? ସିଏ କହିବ ବି କାହା ଆଗରେ ? କହିଲେ ବି କିଏ ବିଶ୍ୱାସ କରିବ ? କୋଉ ସ୍ତ୍ରୀ କଣ ତା' ସ୍ୱାମ

ସ୍ୱୀକାରୋକ୍ତି...

କବିଙ୍କର କୃଷ୍ଣ ପ୍ରେମ ପ୍ରଗାଢ଼

ଇଂ ନନ୍ଦକିଶୋର ମହାନ୍ତି



କବୟିତ୍ରୀ ମାଙ୍ଗଳିକା ଦାସଙ୍କ ସହିତ ମୋର ସାରସ୍ୱତ ପରିଚୟ ଫେସବୁକରୁ । ଆଗରୁ କିଛି ସମାବେଶ ମାନଙ୍କରେ ତାଙ୍କୁ ଦେଖିବା ଓ ଶୁଣିବାର ସୁଯୋଗ ମିଳିଥିଲେ ବି ସେ ସବୁ ଗୁରୁତ୍ୱହୀନ ଥିଲା । 'ଈଶ୍ୱରୀ' ଶୀର୍ଷକ ତାଙ୍କର ଏକ କବିତା ଫେସବୁକରୁ ପଢ଼ି ମୁଁ ଅଭିଭୂତ ହୋଇଥିଲି ଓ ତାଙ୍କୁ ଅଭିନନ୍ଦନ ଜଣାଇଥିଲି । ପରେ ପରେ 'ରାଧା' ଏବଂ 'ଅସ୍ତରାଗର ଏଲିଜି' ଶୀର୍ଷକ ତାଙ୍କର ଆହୁରି କେତେଗୁଡ଼ିଏ କବିତା ଫେସବୁକ୍‌ରେ ଆସେ ଓ ମନକୁ ଛୁଏଁ ଏବଂ ସେଥିପାଇଁ ମୁଁ ତାଙ୍କୁ ଅଭିନନ୍ଦନ ଜଣାଏ ଓ ସେ କହନ୍ତି ତା ଦ୍ୱାରା ସେ ପ୍ରେରଣା ପାଆନ୍ତି ।

+ + + +

କବିତା ପଢ଼ିବା ଓ ମନକୁ ଛୁଉଁଥିବା କବିତାକୁ ପ୍ରଶଂସା କରିବା ଗୋଟିଏ କଥା, କିନ୍ତୁ କବିତା ଲେଖିବା ତା'ଠାରୁ ଏକ ମହତ୍ତର କାର୍ଯ୍ୟ । କବି ବା କବୟିତ୍ରୀ ଓ ଦ୍ୱିତୀୟ ଈଶ୍ୱର (ଈଶ୍ୱରୀ) । ତେଣୁ ଏପରି ଏକ ଦାୟିତ୍ୱବୋଧ ସମ୍ପନ୍ନ କରିବାରେ ମୁଁ କେତେ ସଫଳ ହୋଇପାରିବି ତାହା ସନ୍ଦେହ ମୁକ୍ତ ନୁହେଁ । ତେବେ କବୟିତ୍ରୀଙ୍କ ବିଶ୍ୱାସବୋଧର ଅକୃତ୍ରିମତା ମୋ ପାଇଁ ଅତ୍ୟନ୍ତ ହୃଦ୍ୟ ।

କବି ଏପରି ଏକ ସଂରଚନା ଯାହାର ଉପସ୍ଥିତି ଜୀବନକୁ ଏକ ଭିନ୍ନ ଇଲାକାକୁ ନେଇଯାଏ । 'ରାଧା' ଶୀର୍ଷକ ମଣ୍ଡିତା କବିତା ଗୁଡ଼ିକ ମାଧ୍ୟମରେ କବୟିତ୍ରୀ ସେହିପରି ଏକ ନିଆରା ଜଗତକୁ ନେଇଯିବାର କ୍ଷମତା ରଖନ୍ତି । ସେ ଜଗତ ପ୍ରେମର ଜଗତ । ଅନାବିଳ, ନିର୍ମଳ ସ୍ୱଚ୍ଛ ପ୍ରେମ । ପ୍ରେମ କୌଣସି ସଉଦା ନୁହେଁ କି ସର୍ତ୍ତ ନୁହେଁ, ପ୍ରେମ ହିଁ ଧର୍ମ, ଯେଉଁଠି ପ୍ରେମ ଥାଏ ସେଇଠି ପରମାତ୍ମା କୃଷ୍ଣ ଥାଆନ୍ତି । ତେଣୁ ମାଙ୍ଗଳିକାଙ୍କର ଏହି କବିତାଗୁଡ଼ିକ କୃଷ୍ଣ ପ୍ରେମରେ ରସାଣିତ ଏବଂ ସେ ନିଜେ ସେହି ପ୍ରେମରେ ତଲ୍ଲୀନ ସ୍ୱୟଂ ରାଧା । ତାଙ୍କର କୃଷ୍ଣ ପ୍ରେମ ଏପରି ପ୍ରଗାଢ଼ ଯେ, ସେ ବାରମ୍ବାର ନାନା ବାଗରେ, ଅନେକ ଢ଼ଙ୍ଗରେ ଉଚ୍ଚାରଣ କରିଛନ୍ତି-

"ତୁମେ ଅଛ ତ ମୁଁ ଅଛି
ତୁମେ ନାହିଁ ତ ମୁଁ ଅଶରୀରୀ ।"

ଆପଣା ପ୍ରେମକୁ ଜାହିର କରିବା ପାଇଁ ସେ କେବେ ବି ଉଦ୍‌ଗ୍ରୀବା ନୁହନ୍ତି ।

ତେଣୁ-

"ତୁମେ ଯେବେ
ସ୍ମୃତି ପଟଳେ ଦେଖାଦେଲ
ଅମୃତ କଲି ଅପବାଦକୁ
କେବେ ତ ଚାହିଁ ନ ଥିଲି
ଦେବୀଟିଏ ହେବା ପାଇଁ;
ମୁଁ ଯେ ସମାହିତ ତୁମ ଭିତରେ-"

ପ୍ରେମ ହେଉଛି ଏକ ଧର୍ମ- ବଂଚିବାର କଳା, ପ୍ରେମ ଧର୍ମର ନିରାଜନା ପାଇଁ ମନ୍ଦିର, ମସଜିଦ୍, ଗୀର୍ଜାର ଆବଶ୍ୟକତା ନାହିଁ । ଏହା ଆଭ୍ୟନ୍ତରୀଣ ଚେତନା-ଅନ୍ତରାତ୍ମା ।

ଅନାବିଳ ଦେହାତୀତ ପ୍ରେମରେ ଅନ୍ତରାତ୍ମାର ସ୍ନାନ ହୋଇଗଲେ ନିଜ ଭିତରେ ପ୍ରେମୀ ଅନୁଭବ କରେ ନିତ୍ୟ ବୃନ୍ଦାବନ । ଯେମିତି ମାଙ୍ଗଳିକାଙ୍କ ଭାଷାରେ-

"ନିସ୍ତବ୍ଧ ରଜନୀରେ ଆତ୍ମାପକ୍ଷୀ
ମୋର ଧାଉଁଥାଏ ନିତ୍ୟ ବୃନ୍ଦାବନ
ମୋହାବିଷ୍ଟ ହେବା ପାଇଁ
ତୁମ ସାଥେ ନିତ୍ୟ ରାସରେ....।

ପୁନଶ୍ଚ ଆତ୍ମବିସ୍ମୃତ ହୋଇ ସେ ବିଳାପ କରନ୍ତି-

"ମୁଁ ତ ମୁଁ ହୋଇନାହିଁ
ଏକ ପ୍ରାଣ ନ ଥିବା ଶରୀର-
ଆତ୍ମା ଯାର ବିକଳରେ ଖୋଜୁଥାଏ
ତୁମ ଠା' ଠିକଣା- ଏଠି- ସେଠି
ବୃନ୍ଦାବନ- ଗୋକୁଳ- ପୁଣି କେବେ
ଲାସ୍ୟମୟୀ ଯମୁନାର କୂଳ ।"

କବୟିତ୍ରୀଙ୍କ ସ୍ୱଗତୋକ୍ତି ସ୍ପଷ୍ଟ ସୂଚନା ଦିଏ ତାଙ୍କର କୃଷ୍ଣ ପ୍ରେମ ତାଙ୍କର ଦୈହିକ ଜାନ୍ତବ ନୁହେଁ ତାହା ଦୋହତୀତ ଏକ ଭାବାବେଗ । ସେ ଯଦି ନିଜ ଭାବାବେଗକୁ ସୀମିତ ଓ ଅବରୁଦ୍ଧ କରି ରଖିଥାଆନ୍ତେ ତେବେ ତାଙ୍କର କାହ୍ନୁ ପ୍ରେମ ଏତେ ଐକାନ୍ତିକ ହୋଇ ପାରି ନଥାଆନ୍ତା କିମ୍ବା ତାଙ୍କ ଅନ୍ତଃକରଣରୁ ସ୍ୱତଃସ୍ଫୂର୍ତ୍ତ ସାବଲୀଳ କବିତାର ଧାରାଟିଏ ଝରି ପାରି ନଥାଆନ୍ତା ।

କବୟିତ୍ରୀ ମାଙ୍ଗଳିକାଙ୍କ କବିତାର ଭାବ ଏବଂ ଭାଷାର ତର୍ଜମା ମୁଁ କରିବି ନାହିଁ । ସେ କାର୍ଯ୍ୟ ସମାଲୋଚକର । ତେବେ ମୋର ଅନୁଭବରୁ କହୁଛି ନିଜ ବକ୍ତବ୍ୟରେ ସେ ଛଳନା ଓ ବୌଦ୍ଧିକତାର ଆବରଣକୁ ମୁକ୍ତ, ସେ ନିଜେ ହିଁ କବିତାର କୁଳୁ କୁଳୁ ଝରଣାଟିଏ । ମୁକ୍ତ ଛନ୍ଦ କବିତା ହେଲେ ବି ମୁଁ ପଦ ସବୁକୁ ଗୁଣୁ ଗୁଣେଇବାର ଛନ୍ଦଟିଏ ଲକ୍ଷ୍ୟ କରିଛି ।

ସଂକଳନର ସବା ଶେଷ ୪୫ ତମ କବିତାରେ ମୁଁ ବୁଝି ପାରିଲି ନାହିଁ କବୟିତ୍ରୀ କାହିଁକି ଲେଖିଲେ-

"ଜୀବନର ଅନ୍ତିମ ସୋପାନରେ
ଏଇ ମୋର ଶେଷ ପତ୍ର, ତୁମ ପାଇଁ"

ସତରେ କ'ଣ କେହି ଜୋର୍ କରି କହିପାରେ ନିଜ ଜୀବନର ଅନ୍ତିମ ଚରଣ କଥା ? ପୁଣି ପୁରାଣ ପ୍ରସିଦ୍ଧ ରାଜା 'ନିମି'ଙ୍କୁ ମିଥ୍ ରୂପେ ପ୍ରୟୋଗ କରି ଲେଖିଛନ୍ତି-

"ନିମିଙ୍କ ପରି ମିଳାଇ ଯିବାକୁ ଯାଉଛି
ଶୂନ୍ୟ ମହାଶୂନ୍ୟରେ ଯେଉଁଠି ପୁନଶ୍ଚ
ମୋର ଏଇ ବାୟବୀୟ ସତ୍ତା
କେବଳ ପ୍ରତୀକ୍ଷା କରୁଥିବ ତୁମର
ପୁନରା ଗମନକୁ ।"

ମୋର ବ୍ୟକ୍ତିଗତ ମତ କବୟିତ୍ରୀଙ୍କର ଏହା ପଳାୟନ ପନ୍ଥା । ସେ ବିଭୂ ପ୍ରେମରେ ତଲ୍ଲୀନ ହୋଇ ନିଜକୁ ବାୟୁରେ ମିଳାଇ ଦେଲେ କିପରି ହେବ ? କବି କର୍ମ ଯେ ଆରମ୍ଭ ହୋଇନାହିଁ । ବିଭୂ (କୃଷ୍ଣ) ପ୍ରେମରେ ବିଗଳିତ ହେବା, ତଲ୍ଲୀନ ହୋଇଯିବା ଏକ ସିଦ୍ଧି । କିନ୍ତୁ ଏହି ସିଦ୍ଧିକୁ ଫୁଂଜି କରି ରାଜ ରାସ୍ତାକୁ ଓହ୍ଲାଇବା, ମଣିଷକୁ ମଣିଷ ସହିତ ଯୋଡ଼ିବା, ଅନ୍ୟର ବ୍ୟଥା ନିଜ ଭିତରେ ଆରୋପଣ କରିବା- ଏହା ହିଁ ତ ସାହିତ୍ୟ-କବିକର୍ମ ।

କେବଳ ଶେଷ କବିତା ନୁହେଁ ଅନ୍ୟାନ୍ୟ ଅତ୍ର ତତ୍ର ପୌରାଣିକ ମିଥ୍‌ର ପ୍ରୟୋଗ ଅତି ସାବଲୀଳ ଢ଼ଙ୍ଗରେ କବୟିତ୍ରୀ କରିଛନ୍ତି । ଏହାର ସ୍ୱତନ୍ତ୍ର ଅନୁଶୀଳନର ଆବଶ୍ୟକତା ରହିଛି । ଏହି ସଂକଳନ ସମ୍ପର୍କରେ ବାର୍ତ୍ତାଳାପ ବେଳେ ଜଣେ ବନ୍ଧୁ ମନ୍ତବ୍ୟ କଲେ "କ'ଣ ଏହା ରମାକାନ୍ତ ରଥଙ୍କ 'ଶ୍ରୀରାଧା'ର ଅନୁସରଣ ?" ମୁଁ ବନ୍ଧୁଙ୍କର ଏପରି ମନ୍ତବ୍ୟରେ ଆଦୌ ଏକମତ ନୁହେଁ । ରମାକାନ୍ତ 'ଶ୍ରୀରାଧା' ଲେଖିଛନ୍ତି ନିଜ ଢ଼ଙ୍ଗରେ । ଏହି ଦୁଇ ସଂକଳନକୁ ତୁଳନା କରିବା ଭୁଲ୍ ହେବ । ଦୁହିଁଙ୍କ ମଧ୍ୟରୁ କେହି କାହାର ଉର୍ଦ୍ଧ୍ୱରେ ନୁହେଁ କିମ୍ବା କେହି କାହାଠାରୁ ନିମ୍ନରେ ନୁହେଁ ।

କୃଷ୍ଣ ପ୍ରେମରେ କିଏ କିପରି ତଲ୍ଲୀନ ହୋଇଛି ତାହା ପାଠକମାନେ ହିଁ ଅନୁଭବ କରିବେ ।

ଶେଷରେ ଏତିକି କହିବି ଯେ, କବି ବିବର୍ତ୍ତନ ଆଣେ । ଯାବତୀୟ ବିଭ୍ରାନ୍ତିର ବିଖଣ୍ଡନ ମଧ୍ୟରୁ ସେ ମଣିଷକୁ ଏକ ଉର୍ଦ୍ଧ୍ୱ ସ୍ତରକୁ ନେଇଯିବା ପାଇଁ ପାଗଳ ହୁଏ । କବି ବଂଚୁଥିବା ସଂସାରକୁ କାବ୍ୟମୟ କରିବାକୁ କବିତା ରଚୁଥାଏ । ସଂସାର ସେତେବେଳେ କାବ୍ୟମୟ ହୁଏ, ଯେତେବେଳେ ଭାବ-ଅନୁଭବ, ଶବ୍ଦ-ଅର୍ଥର ନିବିଡ଼ ସହାୟତା ପରି ମଣିଷ ସହ ମଣିଷ, ପୁଣି ମଣିଷ ସହ ସେହି ମହାଜାଗତିକ ସତ୍ତାର ସମ୍ମେଳନ ହୁଏ । ତାହା ହିଁ ଜଣେ କବିର ଧ୍ୟେୟ ଏବଂ ଶ୍ରେୟ ।

ମୋର ବିଶ୍ୱାସ କବୟିତ୍ରୀ ମାଙ୍ଗଳିକା ଏହି ଧ୍ୟେୟକୁ ଲୟ କରି ଆଗକୁ ବଢ଼ିବେ । ତାଙ୍କ ଭିତରେ ସେପରି ସମ୍ଭାବନା ନିଶ୍ଚିତ ଅଛି ।

❤ ଶଙ୍ଖଚିଲା ମାର୍ଗ, ଦଳା
ପୋ-ଯାଜପୁର ରୋଡ, ଜି-ଯାଜପୁର

ଜ୍ୟୋତ୍ସ୍ନାୟିତ : ଏକ ପାଠକୀୟ ବିହଙ୍ଗାବଲୋକନ

କାର୍ତ୍ତିକ ସ୍ୱାଇଁ

"Our Sweetest songs are
those that tell
of saddest thought."
- P.B. Shelly

"ମଧୁରତମ ସେ କବିତା ଅଟଇ
ଦୁଃଖତମ କଥାକୁ ଯେ ଗାଇ ଦିଅଇ ।"

ସତକଥା । କବୟିତ୍ରୀ ଜ୍ୟୋତ୍ସ୍ନା ସାମନ୍ତରାୟଙ୍କ କବିତା ସଂକଳନ 'ଜ୍ୟୋତ୍ସ୍ନାୟିତ' ପାଠ କଲାପରେ ପି.ବି. ସେଲୀଙ୍କ ଉକ୍ତିର ପ୍ରମାଣ ଖୋଜିବାକୁ ଆଉ କେଉଁଠିକି ଯିବାକୁ ପଡ଼ିବନି । ସମ୍ଭବତଃ ସାହିତ୍ୟ ସୃଷ୍ଟି ବା ତା' ବେଶ୍ ଆଗରୁ ଦରଦୀ ହୃଦୟର ବାକ୍ୟ ସଦା ସର୍ବଦା ଶ୍ରୋତା ଓ ପାଠକର ହୃଦୟକୁ ସ୍ପର୍ଶ କରିଥାଏ । କବିତା, ଗଳ୍ପ ବା ଉପନ୍ୟାସର ମାର୍ମିକ ଅନ୍ତଃର୍ବେଦନା ସେଥିରୁ ବାଦ୍ ପଡ଼ନ୍ତା କିପରି ! ଚାଲନ୍ତୁ... ଟିକେ ବୁଲି ଆସିବା ଜ୍ୟୋତ୍ସ୍ନାଙ୍କ କବିତା ଉପବନର କିଛି ପୁଷ୍ପିତ, ବେଦନା ଓ ବିରହରେ ସିକ୍ତ ଭାଗକୁ, ଯେଉଁଠି ରହିଛି ତାଙ୍କ କବିତା ସଂକଳନ 'ଜ୍ୟୋତ୍ସ୍ନାୟିତ'ର ଅନେକ ସ୍ୱପ୍ନର ସ୍ୱର ।

'ଜ୍ୟୋତ୍ସ୍ନାୟିତ'ର ସଫଳ ଆତ୍ମପ୍ରକାଶ ପରେ 'ଜ୍ୟୋତ୍ସ୍ନାୟିତ' କବୀଙ୍କ ରଚିତ ଦ୍ୱିତୀୟ କବିତା ସଂକଳନ । ଏଥିରେ ରହିଛି ଜ୍ୟୋତ୍ସ୍ନାଙ୍କର ପଚାଶଗୋଟି ମନୋଜ୍ଞ କବିତା । କବିତା ସବୁ ପଠନ କଲାପରେ ଗୋଟିଏ କଥା ବେଶ୍ ସ୍ପଷ୍ଟ ହୁଏ- କବିତାଗୁଡ଼ିକ ତାଙ୍କ ଦରଦୀ ହୃଦୟର ଛଳଛଳ ଆତ୍ମପ୍ରକାଶ, ଏକ ସ୍ରୋତସ୍ୱିନୀର କଳକଳ ସଂଗୀତ ।

ସୁବୋଧ ଶବ୍ଦବିନ୍ୟାସ ଓ ବିନା ଶବ୍ଦାଡ଼ମ୍ବର ହେଉଛି ଜ୍ୟୋତ୍ସ୍ନାଙ୍କ କବିତାର ବିଶେଷତ୍ୱ । ସ୍ୱତଃସ୍ଫୂର୍ତ୍ତ ଭାବରେ ଝରି ପଡ଼ିଥିବା ସମସ୍ତ ସଫଳ କବିତା ପଙ୍‌କ୍ତି ବହନ କରେ କେବେ ନିଜର ଉତ୍କର୍ଷ ଭାବନାର ଅନ୍ତଃସ୍ୱର ତ କେବେ କବୀ ଅନ୍ତରାତ୍ମାକୁ ଛୁଇଁଥିବା ଅନେକ ନାୟକ ନାୟିକାଙ୍କ ଭାବାବେଗ । କବୀଙ୍କ ଭାଷାରେ- " 'ମୁଁ' ମୁଁ ହୋଇ ରହିନି । ମୋ ଭିତରେ ଅନ୍ୟକେହି ପ୍ରବେଶ କରିଛି ତା' ଦୁଃଖ, ତା' ବେଦନା ଓ ତା' ଆନନ୍ଦକୁ ପ୍ରକାଶ କରିବାକୁ ।"

(ଜ୍ୟୋତ୍ସ୍ନାୟ : ମୋ କବିତାର ଅନ୍ତଃସ୍ୱର)

ଜ୍ୟୋତ୍ସ୍ନାଙ୍କ କବିତାର ଆଲୋଚନା କରିବାର ଦକ୍ଷତା ମୋର ନାହିଁ । ମାତ୍ର ମାସ ମାସ ଧରି ବିଭିନ୍ନ ମାଧ୍ୟମରେ ତାଙ୍କ କବିତାକୁ ପଢ଼ିବାର ସୁଯୋଗ ପ୍ରାପ୍ତ ହୋଇଛି । ତେଣୁ ଏକ ପାଠକୀୟ ଦୃଷ୍ଟିରେ ତାଙ୍କ କବିତା ସଂକଳନ 'ଜ୍ୟୋତ୍ସ୍ନାୟିତ'ର ଏକ ବିହଙ୍ଗାବଲୋକନର ପ୍ରୟାସ କରୁଛି ।

ଆକାଶରେ ଜହ୍ନ, ଜ୍ୟୋତ୍ସ୍ନାୟିତ ରଜନୀ । କବିପ୍ରାଣ ଆଶା ଅଗଣାରେ ବସି ନିଜ ପ୍ରିୟପୁରୁଷର ଛବି ଆଙ୍କିବା ଆରମ୍ଭ କରିଛି । ନିଜ ଭାବାବେଗକୁ ପ୍ରକାଶ କରିଛି ଏକ ଆବେଗସିକ୍ତ ପ୍ରେମ କବିତା 'ଜ୍ୟୋତ୍ସ୍ନାୟିତ'ରେ ।

"ବିରହରେ କେତେ କବିତା ଲେଖିଛି/
ନରୋଳା ନଈକୂଳରେ ଲୋତକ ଢ଼ାଳିଛି ।"

କୋଇଲିର କୁହୁତାନ, ମଲ୍ଲୀମାଳତୀଙ୍କ ହସ, ଫଗୁଣର ବଉଳ ଓ ଫଗୁର ରଂଗ- ଆତ୍ମବିଭୋର କରିଛି କବୀ ମାନସକୁ । କବୀ ଗାଇ ଉଠିଛନ୍ତି... "ମୋତେ ଫଗୁଣ ଫଗୁଣ ଲାଗୁଛି/ ମୋର ହୃଦୟେ ପୁଲକ ଜାଗିଛି/ ଫଗୁ ରଙ୍ଗରେ ସପନ ମାଖିଛି/ ଏଇ ପ୍ରେମ ଋତୁଟିଏ ଆସିଛି ।" ପ୍ରେମମୟ ଶ୍ରୀକୃଷ୍ଣଙ୍କ ପାଖରେ କବୀଙ୍କର ଏକ ଆବେଗମୟ ପ୍ରାର୍ଥନା... "ବେଣୁଧର ଟିକେ ଶୁଣି ଯାଅ/ ବାଙ୍କ ଚାହାଣୀରେ ଚାହିଁ ଦିଅ/ ନ ହେଲେ ନ ହେବି ରାଧାରାଣୀ ପଛେ/ ଗୋପଧୂଳି ମୋତେ କରିଦିଅ ।"

ନିହାତି କ୍ଷୁଦ୍ର କବିତା ହେଉ କି ସାମାନ୍ୟ ବଡ଼, କବିତାର ଧାରାରେ ଝରି ପଡ଼ିଛି ମଣିଷ ଜୀବନର ଅନେକ ଆବେଗ । କବିତା 'ପୀୟୁଷ', 'ଛାଇ' 'ଅପେକ୍ଷା' 'ଜୀବନ' ଓ ଆହୁରି ଅନେକ ମଣିଷ ଅନ୍ତରାତ୍ମାର ଦୁଃଖ ବିରହକୁ ପରିସ୍ଫୁଟନ କରିଛନ୍ତି କଲମ ମୁନରେ । ଜୀର୍ଣ୍ଣ ବାରବାଟୀର ବ୍ୟଥା କବୀ ମନକୁ ନେଇଯାଇଛି ଓଡ଼ିଶାର ନିଶ୍ଚିହ୍ନ ହୋଇଯାଇଥିବା ଐତିହ୍ୟକୁ (ଜୀର୍ଣ୍ଣ ବାରବାଟୀ) । କୋଣାର୍କର ଲାବଣ୍ୟ ପ୍ରତିମାମାନେ କବୀଙ୍କୁ ବାଧ୍ୟ କରିଛନ୍ତି ପଚାରିବାକୁ- "କେମିତି ତୁମେ ଗଢ଼ିଲ ଶିଳ୍ପୀ/ ପାଷାଣେ କୋଟି ଲାବଣ୍ୟ କଳ୍ପି ।" (ଶିଳ୍ପୀ) 'ଜ୍ୟୋତ୍ସ୍ନାୟିତ'ର ଅନେକ କବିତା ଜୀବନଦର୍ଶନ ଦିଗ ଓ ମାର୍ଗକୁ ଚମତ୍କାର ଭାବରେ ସ୍ପଷ୍ଟ କରିଛନ୍ତି- ଯେପରି- ସଂସାର ସାଗରେ/ ମାୟା ସରୋବରେ/ ଆହା ପଦଟିଏ/ ମିଳେ ମୃତ୍ୟୁ ପରେ ।" ଜୀବନର କିଛି ନିର୍ଦ୍ଦୟ ବାସ୍ତବତାରୁ କବିପ୍ରାଣ ମୁକୁଳି ପାରିନି.... ସେ ଗାଇ ଉଠିଛି... "ପୋଛିବାକୁ ମାନ ଅପମାନ ଘୋର/ ମୃତ୍ୟୁ ରହିଅଛି ହୋଇ ଉଜାଗର ।"

ପୁଣିଥରେ ପି.ବି. ସେଲୀଙ୍କ ଉକ୍ତିକୁ ଯିବି । "A Poet is a nightingale who sits in the darkness and sings to cheer its own solitude with sweet sound". କବି ଏକ ନାଇଟିଙ୍ଗେଲ୍ ଯିଏ ଅନ୍ଧାରରେ ବସି ନିଜ ନିର୍ଜନତାରେ ନିଜକୁ ଉତ୍ସାହିତ କରିବାକୁ କିଛି ମଧୁର ଶବ୍ଦ ସୃଷ୍ଟି କରେ । ମୋତେ ଲାଗେ ଜ୍ୟୋତ୍ସ୍ନାଙ୍କ କବିତା ମଧ୍ୟରାତ୍ରୀର ନିର୍ଜନତାକୁ ଭେଦ କରିବାକୁ କିଛି ପ୍ରାଣବନ୍ତ ମଧୁର ଝଙ୍କାର । ସୁନ୍ଦରତା, ସୁଖପାଠ୍ୟତା ଓ କମନୀୟତାରେ ଭରପୂର ଜ୍ୟୋତ୍ସ୍ନାଙ୍କ କବିତା । ତାଙ୍କ କବିତାର ପାଠକୀୟତା ବେଶ୍ ସ୍ପଷ୍ଟ ଓ ଦୃଢ଼ । କବିତାଗୁଡ଼ିକର ଗଭୀର ଭାବାବେଗ ଓ ଅର୍ନ୍ତଉଚ୍ଛ୍ୱାସ ମନକୁ ଛୁଇଁବାର ସମସ୍ତ କଳାର ପରିପୁଷ୍ଟ । ଆଶା ରଖୁଛି, ଜ୍ୟୋତ୍ସ୍ନାଙ୍କ କାବ୍ୟିକ ଜୟଯାତ୍ରା ଅବ୍ୟାହତ ରହିବ ଏବଂ ଓଡ଼ିଆ କବିତା ଧାରାରେ ତାଙ୍କ କବିତା ସବୁ ତାଙ୍କ ଅଧିକ ପାଠକୀୟତା ଓ ଲୋକପ୍ରିୟତା ପ୍ରଦାନ କରିବ ।

❤ ବାଙ୍ଗାଲୋର
ମୋ: ୯୯୮୦୩୦୦୭୫୧

କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'

ବମ୍ ଫୁଲ୍ ବୁଖାରା

୨

ଦୀପକ ରଂଜନ ମିଶ୍ର

॥ ଚକ୍ଷୁଷ୍ମାନ୍ ଭବ... ॥



ବାମରୁ ଶିବ ବର୍ମା, ଡାକ୍ତର ଗୟା ପ୍ରସାଦ ଓ ଜୟଦେବ କପୁର

୧୯୪୫ ମସିହାରେ ମୁସଲିମ୍ ଲିଗ୍ ପଞ୍ଜାବରେ କ୍ଷମତାରେ ଥିବା ମେଣ୍ଟରୁ ଆପଣା ସମର୍ଥନ ପ୍ରତ୍ୟାହାର କରିନେବାରୁ ସରକାରକୁ ବଞ୍ଚେଇ ରଖିବା ଉଦ୍ଦେଶ୍ୟରେ ୟୁନିୟନିଷ୍ଟ ପାର୍ଟି ସମର୍ଥନ ଲୋଡ଼େ କଂଗ୍ରେସର । ଆଉ ନେହେରୁ ସର୍ତ୍ତ ରଖନ୍ତି ଲାହୋର ଷଡ଼ଯନ୍ତ୍ର କେଶ୍ (୧୯୨୮)ର ଚାରି ଅଭିଯୁକ୍ତ ଯେଉଁମାନେ ଦୀର୍ଘ ୨୩ ବର୍ଷ ହେଲା ଜେଲ ଭିତରେ ଅଛନ୍ତି ତାକୁ ମୁକ୍ତି ପ୍ରଦାନ କରିବାର । ତେବେ ଯାଇ କଂଗ୍ରେସ ପଞ୍ଜାବରେ ୟୁନିୟନିଷ୍ଟ ପାର୍ଟିକୁ ସମର୍ଥନ କରିବ । କିଛି ମାସ ପୂର୍ବେ ଅହମଦଗଢ଼ରୁ ଫେରିବା ବାଟରେ ନୈନୀ ଜେଲରେ ଏକଦା ସହବନ୍ଦୀ ଥିବା କ୍ରାନ୍ତିକାରୀ ଶିବ ବର୍ମାଙ୍କୁ ଦେଖି ନେହେରୁ ଆଶ୍ଚର୍ଯ୍ୟ ହୋଇ ତାଙ୍କୁ କଥା ଦେଇଥିଲେ ଖୁବ୍ ଶୀଘ୍ର ତାଙ୍କର ମୁକ୍ତି ର ବ୍ୟବସ୍ଥା କରିବେ ବୋଲି । ଉକ୍ତ ପ୍ରସ୍ତାବରେ ରାଜି ହୋଇ ସରକାର ସେମାନଙ୍କୁ ମୁକ୍ତ କରିବାର ପ୍ରୟାସ ଆରମ୍ଭ କରନ୍ତି । କିନ୍ତୁ ସର୍ତ୍ତାବଳୀରେ ଦସ୍ତଖତ କରିବା ଘୋର ଅପମାନଜନକ ମନେ କରନ୍ତି କ୍ରାନ୍ତିକାରୀମାନେ । ଆପଣା କୈଶୋର ତଥା ଯୌବନ ଯେଉଁମାନେ ମାତୃଭୂମିର ମୁକ୍ତି ପାଇଁ ଆହୁତି ଦେଇଛନ୍ତି, ବର୍ଷ ବର୍ଷ ଧରି ବ୍ରିଟିଶ୍‌ରାଜ୍‌ର ବିଭିନ୍ନ କାରାଗାରର ଅନ୍ଧକୋଠରୀ ଭିତରେ ସହିଛନ୍ତି ଅକଥନୀୟ ନିର୍ଯ୍ୟାତନା, ମାତୃଭୂମିଠୁଁ ଅନେକ ଦୂରକୁ ନିର୍ବାସିତ ହୋଇ ଆଣ୍ଡାମାନର ସେଲ୍ୟୁଲାର ଜେଲ ଭିତରେ ଭୋଗିଛନ୍ତି ମରଣାନ୍ତକ ଯନ୍ତ୍ରଣା, ସେମାନେ କ'ଣ କେବେ ନିଜ ମୁକ୍ତି ପାଇଁ ହାତକାଟି ଚୁକ୍ତିପତ୍ରରେ ଦସ୍ତଖତ କରି ପାରିବେ ? ଅସମ୍ଭବ । ତା' ଅପେକ୍ଷା ଜେଲ ଭିତରେ ସଢ଼ି ସଢ଼ି ମୃତ୍ୟୁବରଣ ବରଂ ଶ୍ରେୟସ୍କର । ସେଇ ଚାରିଜଣ କୈଦୀ ଥିଲେ ଉତ୍ତର ପ୍ରଦେଶର ଶିବ ବର୍ମା, ଜୟଦେବ କପୁର, ଡା. ଗୟାପ୍ରସାଦ ତଥା ପଞ୍ଜାବର କିଶୋରୀଲାଲ ।

୧୯୨୬ ମସିହାରେ କାନପୁର ଡି ଏ ଭି କଲେଜରେ ପଢ଼ିବାବେଳେ ଶିବ ବର୍ମା ଓ ଜୟଦେବ କପୁରଙ୍କୁ ଭେଟିବା ପାଇଁ ସୁଦୂର ପଞ୍ଜାବରୁ ଜଣେ ଶିଖ୍ ଯୁବକ ଆସି ନିଜକୁ 'ରଞ୍ଜିତ୍' ବୋଲି ପରିଚୟ ଦେଇ ତାଙ୍କ ସହ କେତେଦିନ ଛାତ୍ରାବାସରେ ରହିଥିଲେ । ସେମାନେ ଗୁପ୍ତରେ ଯୋଜନା କରୁଥିଲେ ଗୋରଖପୁର ଜେଲ୍‌ରେ ବନ୍ଦୀ ଥିବା ପଣ୍ଡିତ ରାମପ୍ରସାଦ ବିସ୍ମିଲଙ୍କୁ ମୁକୁଳାଇବାର । ବହୁ ପ୍ରଚେଷ୍ଟା ସତ୍ତ୍ୱେ ସେମାନେ ତାଙ୍କ ଉଦ୍ୟମରେ ବିଫଳ ହୁଅନ୍ତି । ଫାଶୀ ଖୁଣ୍ଟରେ ଝୁଲି ଶହୀଦ ହୋଇଯାଆନ୍ତି ପଣ୍ଡିତ ବିସ୍ମିଲ୍ । ନିଜକୁ 'ରଞ୍ଜିତ୍' ବୋଲି ପରିଚୟ ଦେଇଥିବା ସେଇ ଶିଖ୍ ଯୁବକ ଜଣକ ଥିଲେ ମହାନ କ୍ରାନ୍ତିକାରୀ ଭଗତ ସିଂହ । ବିସ୍ମିଲଙ୍କୁ ବଞ୍ଚାଇ ନପାରି ସେ ଖୁବ୍ ଭାଙ୍ଗିପଡ଼ି ଫେରିଯାଆନ୍ତି ପଞ୍ଜାବ । 'କାକୋରୀ ଟ୍ରେନ୍ ଲୁଟ୍'ର ମୁଖ୍ୟ ଅଭିଯୁକ୍ତ ଚାରିଜଣଙ୍କୁ ଫାଶୀ ତଥା ତଥା ଅନ୍ୟ ୧୬ ଜଣ ସହଯୋଗୀଙ୍କୁ ଆଜୀବନ କାରାବାସ ଫଳରେ କିଛିଦିନ ପାଇଁ 'ହିନ୍ଦୁସ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୪ ନଭେମ୍ବର, ୨୦୨୧

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

ଆଉଜା କବାଟ (୫୪)

ଦଲାଲମୁକ୍ତ ସାହିତ୍ୟ : ଏକ ଆହ୍ୱାନ(୧)

ଡ. ରାଧାରଂଜନ ପଟ୍ଟନାୟକ

ଏଭଳି ନାମକରଣ ପାଠକବର୍ଗଙ୍କୁ ଆଶ୍ଚର୍ଯ୍ୟବୋଧ ହେଲେବି ଏହା ଭିତରେ ନିହିତ ଅଛି ଏକ ବାସ୍ତବ ସତ୍ୟ। ସଭିଏଁ ଜାଣନ୍ତି ଓଡ଼ିଶା କାବ୍ୟ ଓ କଳା ବିଚରଣ ଭୂମି। ଏଇ ମାଟିର ମଣିଷ କବିତାରେ କଥା କହେ। ଛନ୍ଦ ତଳେ। ଚେତନରେ ହେଉ ବା ଅବଚେତନରେ ମୁଖରୁ ଝରିଆସେ କବିତାର ନିର୍ଝର। ହଳିଆ ତୁଣ୍ଡରେ ଗୀତ ଏବଂ ପଣ୍ଡିତ ମୁଖରେ ଶ୍ଳୋକ। ଗାଁ ଭୁଆସୁଣୀ ପେଡ଼ିରେ ସାଇତା କେତେକେତେ ପ୍ରବଚନ। ଆମ କବିଙ୍କର ସ୍ନାୟୁରେ ସ୍ପନ୍ଦନ ଯେତେ ଗୁଞ୍ଜରଣ ସେତେ।

କବିତା ଜୀବନର କଥା କହେ। କବିତାର ଶବ୍ଦରେ କବି ନିଜ ଅନୁଭବର ଭାବ ବାନ୍ଧେ। ମାଟିର ମହାକବି ସାରଳା ଦାସଙ୍କଠାରୁ ଆରମ୍ଭ କରି ଶୁଭେନ୍ଦୁ ମୋହନ ଦାସ, ଡ. ହରିଶ୍ଚନ୍ଦ୍ର ବେହେରା, ସୈରିନ୍ଧ୍ରୀ ସାହୁ, ଉମେଶ ବାରିକ, ବଂଶୀଧର ଚୌଧୁରୀ ଏବଂ ଅଭୟ ଦାସଙ୍କ ପର୍ଯ୍ୟନ୍ତ କବିମାନେ କବିତାରେ ଅନେକ ପରୀକ୍ଷାନିରୀକ୍ଷା କରିଛନ୍ତି। ବେଳେବେଳେ କବିତା ଦୁର୍ବୋଧ ହୋଇଛି। ଏପରିକି, ପାଠକ ହୃଦୟକୁ ଛୁଇଁପାରି ନାହିଁ। ତଥାପି କବିର ଆଖିରେ ନିଦ ନାହିଁ, କାରଣ ସେ ନିଖିଳ ସଂସାରର ବ୍ୟଥା ଓ ବେଦନା ବୁଝେ। ଏକାଏକା ମାନବିକତାର ଆହ୍ୱାନରେ ଅମଡ଼ା ବାଟରେ ପାଦ ରଖେ। ନିନ୍ଦା, ପ୍ରଶଂସା ଠାରୁ ଖୁବ୍ ଉର୍ଦ୍ଧ୍ୱରେ ରହେ। କରତାଳି କିମ୍ବା ପୁଷ୍ପମାଳା ପାଇଁ ପ୍ରତୀକ୍ଷା କରେନି ସେ।

କବିତାକୁ ଏବର ଆଲୋଚକମାନେ ପ୍ରାଚୀନ ଏବଂ ଆଧୁନିକ, ଅତ୍ୟାଧୁନିକ ସର୍ବୋପରି ଉତ୍ତର ଆଧୁନିକ ଏଇମିତି ଯୁଗ ବିଭାଜନରେ ବିଭାଜନ କରିଥାନ୍ତି। ଏସବୁ ସତ୍ତ୍ୱେ ବି କୌଣସି କବିତା ପ୍ରାଚୀନ ହୋଇ ନଥାଏ। ସବୁ ଯେମିତି ନୂତନ ଏବଂ ଆଧୁନିକ। ଏ ସମ୍ପର୍କରେ ପଣ୍ଡିତ ସି.ଜେ. ଲୁଇସ୍ କହନ୍ତି - "Mordern poetry is evey poetry, whether written last year or five centuries ago, that has a meaning for us still." କବିତା କେବେ ପ୍ରାଚୀନ ହୋଇ ନପାରେ। ଏହା ସାମ୍ପ୍ରତିକ କବିତା ହୋଇପାରେ କିମ୍ବା ପାଞ୍ଚ ଶହବର୍ଷ ପୂର୍ବରୁ ରଚନା ହୋଇଥିବା କବିତା ହୋଇପାରେ। ଏହି ସଙ୍କା ଅନୁସାରେ କାଳକାଳ ଧରି କବିତାରୁ ଆନନ୍ଦ ଅନୁଭବ କରିଛି ମଣିଷ। ଭୀମଭୋଇଙ୍କ 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ' କବିତାଟି ଉତ୍ତର ଆଧୁନିକ ଯୁଗରେ ମଧ୍ୟ ଆଧୁନିକତାର ସ୍ୱାକ୍ଷର ବହନ କରେ।

ସ୍ୱାଧୀନୋତ୍ତର କାଳରେ ବିଶ୍ୱର ଜ୍ଞାନଗବାକ୍ଷ ସହିତ ସମ୍ପର୍କ ସ୍ଥାପନ କରିବା ପାଇଁ ଏ ଯୁଗର କବି କ୍ଷମ ହୋଇପାରିଛି। ଫଳରେ ଆମ କବିତାରେ ଆଧୁନିକତାର ପଦଧ୍ୱନି ତୀବ୍ରତର ହୋଇଛି। କବିତାରେ ଚିତ୍ରକଳ୍ପ, ମିଥ୍, ଆର୍କଟାଇପ୍ ପ୍ରଭୃତି ଆଧୁନିକ କାବ୍ୟକୌଶଳ ଆମ କବିତା ଜଗତକୁ ଅବାଧରେ ପ୍ରବେଶ କରିଛି। ଅଶୀ ଦଶକର ପରବର୍ତ୍ତୀ ପର୍ଯ୍ୟାୟରେ ରାଶିରାଶି କବିତା ଲେଖା ଗଲାଣି ସତ; ହେଲେ ଗୋଟିଏ ଜାତିର ମାନସିକ ଆବେଗକୁ ସ୍ପର୍ଶ କରି ଶ୍ରଦ୍ଧାଶୀଳ ହୋଇଛନ୍ତି କେତେକ ମୁଷ୍ଟିମେୟ କବି। କବିତାରେ କଳାଶିଳ୍ପ କମ୍ କିନ୍ତୁ ପ୍ରତିସ୍ପର୍ଦ୍ଧା ଅଧିକ। ଏଭଳି ସ୍ଥଳେ ଭଲ କବିତା ଉଧେଇବ କାହୁଁ? ଇଂରାଜୀ କବି ସେଲି ତାଙ୍କ ରଚିତ "Defence of poetry"ରେ କାବ୍ୟକୁ କଳ୍ପନାର ଅନନ୍ୟ ଅଭିବ୍ୟକ୍ତି ଭାବେ ଘୋଷଣା କରିଛନ୍ତି। କବିଙ୍କର ମାତ୍ରାଧିକ କଳ୍ପନା ହେତୁ ଅତୀତରେ ପ୍ଲାଟୋ ଅତି ନିର୍ମମ ଭାବରେ କବି, କଳାକାର ଓ ଶିଳ୍ପୀମାନଙ୍କୁ ତାଙ୍କ ରଚିତ 'ରିପବ୍ଲିକ' ଗ୍ରନ୍ଥରେ ସମାଲୋଚନା କରିଛନ୍ତି। ତାଙ୍କର ଏପରି ନିର୍ମମ ସମାଲୋଚନା ପରେ ମଧ୍ୟ ସାହିତ୍ୟରୁ କଳ୍ପନାକୁ ଆଦୌ ପୃଥକ୍ କରି ହେଉନାହିଁ କି ହେବନାହିଁ। ନିଷ୍ଠୁର ସତ୍ୟ ଏବଂ ବାସ୍ତବତା ହୁଏତ ବିବରଣୀ ହୋଇପାରେ। ମାତ୍ର ସାହିତ୍ୟ ପଦବାଚ୍ୟ ହୋଇପାରିବ ନାହିଁ। ଖାଣ୍ଟି ସୁନାରେ ଗହଣା ପ୍ରସ୍ତୁତ କରିବା ଯେମିତି ଅସମ୍ଭବ, ଠିକ୍ ସେମିତି ନିରୁତା ସତ୍ୟ ଏବଂ ବାସ୍ତବତା ଉପସ୍ଥାପନ ଦ୍ୱାରା ସାହିତ୍ୟର ସୃଜନ କର୍ମ ଅବାସ୍ତବ ପରିକଳ୍ପନାରେ ପରିଣତ ହୋଇଥାଏ।

ଏବେକାର କବି ଭୂମି ଉପରୁ ପାଦ ଆଡ଼େଇ ଆକାଶର କଳ୍ପଲୋକରେ ବିଚରଣ କରୁଛନ୍ତି। କଳ୍ପନାର କୁହୁକ ପେଡ଼ିରୁ ନୂଆନୂଆ ପ୍ଲଟ୍ ଖଞ୍ଜି କବିତାର କଥା ବି କହୁଛନ୍ତି। ତେଣୁ ଭଲ କବିତା ଖୋଜିଖୋଜି ପାଠକ ନିରାଶ ହେଉଛି। ମନେ ହେଉଛି, କବିତାର ପ୍ରୟୋଗାତ୍ମକ ଶବ୍ଦମାନେ ଯେମିତି ବାଟବଣା ନଈ ପାଲଟି ଯାଇଛନ୍ତି। କେବଳ କବିତା ନାମରେ କବିତା ଲେଖିବା ପାଇଁ ଅପ୍ରାସଙ୍ଗିକ ଶବ୍ଦର ନେକେଟ୍ ପୋଷାକରେ ସୃଜନ ସୁନ୍ଦରୀକୁ ପିନ୍ଧାଉଛନ୍ତି ଏବର କବି। ଏଥିରେ ନାଁ ଅଛି ଭାବ, ନା ଅଛି ସମୟୋପଯୋଗୀ ରୂପଚିତ୍ର! କବିତା ଲେଖିବା ନାଁରେ କେବଳ କେତେକ ଉଦ୍ଧାରକରା ଶବ୍ଦକୁ ଖଞ୍ଜି ନିଜ କବିତ୍ୱର ପରିଚୟ ଦେବା କେଉଁ ଧୀଷଣାର ପରିଚୟ? ପାଠକଟିଏ ଆଜି ଟଣାଓଟରା ଶବ୍ଦର ଚକ୍ରବ୍ୟୁହ ଭିତରେ ଅଭିମନ୍ୟୁ ପାଲଟି ଯାଇଛି। ଏପରି ସ୍ଥିତିରେ ଗୁଣମୁଗ୍ଧ ପାଠକଟିଏ ଯଦି ନ ମିଳିବେ, ତେବେ ଆମେ କବିତା ଲେଖିବା କାହା ପାଇଁ?

ଅବସୋସ, ସମ୍ପ୍ରତି ସାହିତ୍ୟ ସାମ୍ରାଜ୍ୟରେ କିଛି ଠିକାଦାର ଅବାଧ ବିଚରଣ କରୁଛନ୍ତି। 'ଚର୍ଯ୍ୟାଚୟ'ରୁ ଶ୍ରୀରାଧା ପର୍ଯ୍ୟନ୍ତ ବିତିଯାଇଥିବା ସମୟ ସରଣୀରେ ନା ଥିଲେ ଠିକାଦାର! ନା ଥିଲେ ଦଲାଲ! ଆଜି କିନ୍ତୁ ସାହିତ୍ୟର କ୍ଷେତ୍ର ମୁଷ୍ଟିମେୟ ଦଲାଲଙ୍କ କବ୍‌ଜାରେ। ଠିକାରେ ଚାଲିଛି ସାହିତ୍ୟ ଖେଳ। ସେ କବିତା ହେଉ କିମ୍ବା ଗଳ୍ପ, ଉପନ୍ୟାସ ହେଉ କିମ୍ବା ଆଲୋଚନା ସବୁଠି ସାହିତ୍ୟର ଶ୍ୟାମଳ ଅରଣ୍ୟରେ ନୀଳବର୍ଣ୍ଣ ଶୃଗାଳଙ୍କ ପ୍ରାଦୁର୍ଭାବ ବଢ଼ିବଢ଼ି ଚାଲିଛି। ଫଳରେ ଅସଲି ସାହିତ୍ୟକାରମାନଙ୍କର ପରିଚୟ ସଙ୍କଟ ଆସିଛି। ସାହିତ୍ୟ ମାଫିଆମାନେ ନିନ୍ଦା କବିମାନଙ୍କୁ କଣଠେସା କରି ଅନେକ ଅବାଞ୍ଛିତ ତଥା ନକଲ କବି ଏବଂ ଲେଖକମାନଙ୍କୁ ରାତାରାତି ଶ୍ରେଷ୍ଠ ସୃଜନସ୍ରଷ୍ଟାର ପ୍ରମାଣପତ୍ର ଦେଉଛନ୍ତି। ସେମାନଙ୍କ ଭିତରେ ନା ଅଛି କବିପଣ! ନା ଅଛି ମୌଳିକ ଉପାଦାନ! ଭାବ, ବାର୍ତ୍ତା ଏବଂ ଶୈଳୀ ଥାଉ ବା ନଥାଉ ଏମାନେ ଆଜି ବିଜ୍ଞାପନର ଶୀର୍ଷରେ ପହଞ୍ଚିଛନ୍ତି। ଯାହା ଲେଖିଲେବି ସବୁଠି ମିଳୁଛି ପ୍ରଶଂସା ଓ ପ୍ରଶସ୍ତିପତ୍ର। ଆଜିକାଲି ଅନ୍‌ଲାଇନ୍ ସାହିତ୍ୟ ଚର୍ଚ୍ଚା, ୱେବନୋର୍ କବିତାପାଠ ଜୋରସୋର ଚାଲିଛି। ବୋଧୁଏ କରୋନା ଏମାନଙ୍କୁ ଏଇଭଳି କାର୍ଯ୍ୟକ୍ରମ କରିବା ପାଇଁ ସହଜ ସୁଲଭ ରାସ୍ତା ଦେଖାଇଛି। ରାତି ପାହିଲେ, ଅନ୍‌ଲାଇନରେ ଶହଶହ ପ୍ରଶଂସାପତ୍ର ଦୃଶ୍ୟମାନ ହେଉଛି। ଲେଖକଟିଏ ଏ ପ୍ରମାଣପତ୍ରରୁ ଏଭଳି ଖୁସି ହୋଇଯାଉଛି ଯେ, ତା' ଗୋଡ଼ ଆଉ ତଳେ ଲାଗୁନାହିଁ। ମନେମନେ ସେ ରାଜ୍ୟସ୍ତରୀୟ ଲେଖକର ଦାବିବି କରୁଛି।

ଏଇମିତି ଅନେକ ଛାୟାପୋଜୀବୀ କବି ଅର୍ଥହୀନ ଶବ୍ଦଭିତରୁ ଆତ୍ମପ୍ରଚାରର ଡିଣ୍ଡିମ ପିଟୁଛନ୍ତି। ଯଦି କ୍ରମାଗତ ଏପରି ଚାଲେ ତେବେ ସାରସ୍ୱତ ସର୍ଜନା କ୍ଷେତ୍ରରେ ଆମେ ଯେ ନିନ୍ଦିତ ହେବା ଏ କଥାକୁ ଅସ୍ୱୀକାର କରାଯାଇ ନପାରେ। ଜଣେ ସୃଜନକାରର ଦାୟିତ୍ୱ ମଧ୍ୟ କିଛି କମ୍ ନୁହେଁ। ପ୍ରଗାଢ଼ ଅନ୍ତର୍ବୋଧ ସହିତ ବିବିଧ ଦୃଶ୍ୟପଟର କଳାତ୍ମକ ପରିପ୍ରକାଶ କରିବା ହିଁ ଲେଖକର ଧର୍ମ ହେବା ବାଞ୍ଛନୀୟ। ମାନବିକତାର ମର୍ମବାଣୀ, ପ୍ରେମ, ସ୍ୱପ୍ନ ଓ ସମ୍ଭାବନାର ଆଉଜା କବାଟକୁ ଖୋଲି ପ୍ରତ୍ୟେକ ସୃଜନ ଶିଳ୍ପୀ ଅନୁଭୂତି ସମ୍ପନ୍ନ ତଥା ସାର୍ବଜନିକ ଗ୍ରହଣ ଯୋଗ୍ୟ ସୃଷ୍ଟି ଉତ୍ତରି ଆସିବା ଉଚିତ୍। ଦୁଇଦୁଇଟି ବିଶ୍ୱଯୁଦ୍ଧ ମାନବ ସଭ୍ୟତାର ଇତିହାସକୁ କେବଳ ରକ୍ତରଞ୍ଜିତ କରିନାହିଁ ବରଂ ସମଗ୍ର ଭାବେ ଜୀଇଁବାର ଧାରାକୁ ସମ୍ପୂର୍ଣ୍ଣଭାବେ ବଦଳାଇ ଦେଇଛି। ପ୍ରତିପଦ ପାତରେ ଶଙ୍କା, ଆଶଙ୍କା, ସଙ୍କଟ ଏବଂ ଝୁଣ୍ଟିବାର ବ୍ୟଥା। ଏସବୁ ଭିତରୁ ବାହାରି କବି ହେଉ କିମ୍ବା ଲେଖକ ସମବେଦନା ମୁକୁଳିତ ଆଶାର ବର୍ଣ୍ଣିଳ ପରାଗରେ କଲମ ଚଳାଇ ଆସୁଛି ଏଯାବତ୍। ଜର୍ମାନ କବି ମାରିୟା ରାଇକ୍ କହିଥିଲେ- "ଶୀଘ୍ରଶୀଘ୍ର ଜୀବନରେ କବିତା ଲେଖିପକାଇଲେ ତାହା କବିତା ହୁଏନି।" ତୁମକୁ ଅପେକ୍ଷା କରିବାକୁ ପଡ଼ିପାରେ ସାରା ଜୀବନଟିଏ। ସାରସ୍ୱତ ସାଧନା ଏକ ଆବେଗ ନୁହେଁ, କିମ୍ବା ମୋତିଗଞ୍ଜ ବଜାରର ଗୁଡ଼ିଆ ପସରା ନୁହେଁ। ଏହା ଏକ ବାସ୍ତବ ଅନୁଭୂତିର ଭାବନାତ୍ମକ ପରିପ୍ରକାଶ। କାଳଜୟୀ ଲେଖାଟି ଲେଖିବାକୁ ହେଲେ ଆମକୁ ମଣିଷମାନଙ୍କ ପାଖକୁ ଯିବାକୁ ପଡ଼ିବ, ପ୍ରାଣୀଜଗତକୁ ବୁଝିବାକୁ ପଡ଼ିବ, ପକ୍ଷୀମାନଙ୍କର ଉଡ଼ାଣକୁ ଅନୁଭବ କରିବାକୁ ପଡ଼ିବ। ସକାଳର ଖରାରେ ଫୁଟି ଆସୁଥିବା ଫୁଲର ସୌନ୍ଦର୍ଯ୍ୟକୁ ହୃଦୟଙ୍ଗମ କରିବାକୁ ପଡ଼ିବ। ଏକାକୀ ସମୁଦ୍ର ତଟରେ, ନଦୀ ପଠାରେ ଏବଂ ରାସ୍ତାରେ ଯାତ୍ରା କଲାବେଳେ ଆକାଶର ତାରାମାନଙ୍କ ସହ କଥା ହେବାକୁ ପଡ଼ିବ। (କ୍ରମଶଃ)

କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ: ୯୪୩୮୨୯୦୦୭୨

ସ୍ମୃତି ଶତଦଳ ୨୧୭





ନିଉୟର୍କ- ନାଏଗ୍ରାଫଲ

ଡା. ସରୋଜିନୀ ଷଡଙ୍ଗୀ
❤ ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଯେକୌଣସି ୱାଟରଫଲ ବା ଜଳପ୍ରପାତର ଦୃଶ୍ୟ ଦେଖିବା ପାଇଁ ଖୁବ୍ ରମଣୀୟ ହୋଇଥାଏ, ତେଣିକି ସେ ଜଳପ୍ରପାତଟି ଛୋଟ ହୋଇଥାଉ ବା ବଡ ହୋଇଥାଉ। ତାର ଅଗାଧ ଜଳରାଶିର ଭୀମକାନ୍ତ ଦୃଶ୍ୟ ମନ ପରଦାରେ ଚିରଦିନ ପାଇଁ ଆଙ୍କି ହୋଇ ରହିଯାଏ, ସ୍ମୃତିର ଏକ ଅନନ୍ୟ ଆଲେଖ୍ୟ ହୋଇ। ବହୁବର୍ଷ ଆଗରୁ ନନାଙ୍କର କେଉଁଝର ବଦଳି ହେଲା ପରେ ମୁଁ କଲେଜରେ ପଢିବା ସମୟରେ ଭାଇଭଉଣୀଙ୍କ ସହ ସାନଘାଘରା ବୁଲିବାକୁ ଯାଇଥିଲି। ତା'ପରେ ପ୍ରାୟ ଅନେକଥର ସେଠିକୁ ଯାଇଛୁ ଏବଂ ଯେତେଥର ଯାଇଛୁ, ସେତିକି ମନୋମୁଗ୍ଧକର ଲାଗିଛି ସାନଘାଘରାର ଜଳପ୍ରପାତର ପାଣି, ତା' ଚାରିପଟେ ଘେରି ରହିଥିବା ଜଙ୍ଗଲ, କୁନି କୁନି ଝରଣା ଓ କଂକରିଳ ବିସ୍ତୀର୍ଣ୍ଣ ରାସ୍ତା।

ଠିକ୍ ସେହିପରି ରାଞ୍ଚିର 'ହୁଣ୍ଡ୍ରୁ ୱାଟରଫଲ୍' ସାରା ଭାରତରେ ବିଖ୍ୟାତ। ଆମେ ମେଡିକାଲ କଲେଜରେ ଫାଇନାଲ ଇୟରରେ ପଢିବାବେଳେ ଏସ୍.ସି.ବିରେ ସାଇକିଆଟ୍ରି ବିଭାଗର ଅୟଂ ଆରମ୍ଭ ହୋଇଥିଲା। ତେଣୁ ଆମେ ରାଞ୍ଚିର କାଙ୍କେରେ ଥିବା ମେଣ୍ଟାଲ ହସ୍‌ପିଟାଲକୁ ଯାଇଥିଲୁ ଟ୍ରେନିଂ ନେବା ପାଇଁ ଏବଂ ସେତିକିବେଳେ ସେଠାରୁ କିଛି ଦୂରରେ ଥିବା ହୁଣ୍ଡ୍ରୁ ୱାଟରଫଲ୍ ଦେଖିବାର ସୁଯୋଗ ପାଇଥିଲୁ। ସେ ୱାଟରଫଲ୍‌ର ଚମତ୍କାର ଦୃଶ୍ୟ, ତା' ଚାରିକଡରେ ଥିବା ମାଇଲ ମାଇଲ ବ୍ୟାପି ସବୁଜ ଅରଣ୍ୟ ଓ କୁଂଚି କୁଂଚିକା ପାହାଡର ଛବିଳ ବିସ୍ତାର ଏ ଯାଏଁ ମନରୁ ଲିଭିନାହିଁ। ଏବେ ମଧ୍ୟ ରାଞ୍ଚି କଥା ମନେ ପଡିଲେ ଆଗ 'ହୁଣ୍ଡ୍ରୁ ୱାଟରଫଲ୍' କଥା ମନେ ପଡିଯାଏ।

କିନ୍ତୁ ଆମେରିକା ଯାଇ ନାଏଗ୍ରାଫଲ୍ ଯିଏ ନ ଦେଖି ଫେରି ଆସିଛି, ସିଏ କିଛି ଦେଖିନାହିଁ କହିଲେ ଚଳେ। ନାଏଗ୍ରାଫଲ ହେଉଛି ଯୁକ୍ତରାଷ୍ଟ୍ର ଆମେରିକାର ନିଉୟର୍କ ଓ କାନାଡାର ଓଣ୍ଟାରିଓ ବର୍ଡର (ସୀମାରେଖା) ଭିତରେ ଥିବା ବିରାଟ ଜଳପ୍ରପାତ, ଯାହା ନିଉୟର୍କ ଓ କାନାଡାର ସୌନ୍ଦର୍ଯ୍ୟକୁ ଦ୍ୱିଗଣିତ କରିଦେଇଛି।

ନିଉୟର୍କ ଠାରୁ ନାଏଗ୍ରାଫଲକୁ ସମସ୍ତେ ବସ୍‌ରେ ହିଁ ଯାତ୍ରା କରିଥାନ୍ତି କାରଣ ସେଠିକାର ବସ୍ ସର୍ଭିସ ଖୁବ୍ ଆରାମ ଦାୟକ। ଏହାଛଡା ବସ୍‌ରେ ଗଲାବେଳେ ରାସ୍ତାର ଦୁଇ କଡର ଦୃଶ୍ୟ ଖୁବ୍ ମନୋହର ହୋଇଥାଏ। ରାସ୍ତା ଦୁଇପାଖ ଶ୍ୟାମଳ ବନାନୀରେ ପରିପୂର୍ଣ୍ଣ ଲାଗେ। ସତେ ଯେମିତି କେହି କାନ୍‌ଭାସ୍ ଓ ତୂଳୀଧରି ଚିତ୍ର ଆଙ୍କି ଦେଇଛନ୍ତି। କିନ୍ତୁ, ମୁଁ ସିଦ୍ଧାର୍ଥ, ଶିଖା ଓ ପିଲାମାନେ ବସ୍‌ରେ ଯିବାପାଇଁ ଖୁସିମନରେ ପ୍ରସ୍ତୁତ ହେଲାବେଳେ, ରମାରମଣ ଅଡିବସିଲେ ନିଉୟର୍କରୁ 'ବଫାଲୋ' ଫ୍ଲାଇଟ୍‌ରେ ଯିବାପାଇଁ। ବଫାଲୋ ଠାରୁ ନାଏଗ୍ରାଫଲ 'ବାଏରୋଡ୍'ରେ ଗଲେ ଅଳ୍ପ ସମୟର ରାସ୍ତା। ଅଗତ୍ୟା ନିଉୟର୍କ ଠାରୁ ସକାଳୁ ବଫାଲୋକୁ ଫ୍ଲାଇଟ୍ ଏବଂ ବଫାଲୋ ଠାରୁ ନାଏଗ୍ରାଫଲ କାର୍‌ରେ ଗଲୁ। ଏଆରପୋର୍ଟରେ ଟ୍ୟାକ୍ସି ସହ ଡ୍ରାଇଭର ନଥାଏ, ଟିକେଟ୍ କରି ଟାକ୍ସି ଭଡାକରି ନିଜେ ନିଜେ ଡ୍ରାଇଭ କରି ନେବାକୁ ପଡିଥାଏ ଏବଂ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପୁଣି କାରଟିକୁ ତା' ପାଇଁ ଉଦ୍ଦିଷ୍ଟ ସ୍ଥାନରେ ରଖିଦେଇ ଆସିବାକୁ ପଡିଥାଏ। ତେଣୁ ବଫାଲୋ ରୁ ଆମେ ଡ୍ରାଇଂଭି କରି ନାଏଗ୍ରାଫଲ ଗଲୁ ଏବଂ ଦିନ ପ୍ରାୟ ୨ଟା ସୁଦ୍ଧା ପହଞ୍ଚିଗଲୁ। ସେଠି ନାଏଗ୍ରାଫଲ ପାଇଁ ଟିକଟ୍ କାଟି ଖାଇବାକୁ ଆସିବା ବେଳକୁ ରାସ୍ତାରେ ଅନେକ ପଂଜାବୀ ହୋଟେଲ୍ ଆମେ ଦେଖିଲୁ, ଯେଉଁଠି ଗରମ ଗରମ 'ଛୋଲେ ଭଟୁରେ' ଓ ନାନ୍ ମିଳୁଥିଲା। ତେଣୁ ସେଠି ଖୁସି ମନରେ ଲଞ୍ଚ ସାରି ନାଏଗ୍ରାଫଲ ପାଖକୁ ଗଲୁ। ଖୁବ୍ ଭଲ ଲାଗିଲା, ଯାହାହେଉ ଆମଦେଶଠାରୁ ଏତେଦୂରରେ ଆମେରିକାର ନାଏଗ୍ରାଫଲ ପାଖରେ ମଧ୍ୟ ଭାରତୀୟମାନେ ନିଜ ନିଜର ହୋଟେଲମାନ ଖୋଲି ସଜ ତଟକା ଓ ଗରମ ଗରମ ଖାଦ୍ୟ ପରିବେଷଣ କରୁଛନ୍ତି ଏବଂ ନିଜ ବ୍ୟବସାୟକୁ ସକ୍ରିୟ ରଖିପାରିଛନ୍ତି।

ନାଏଗ୍ରାଫଲ ହେଉଛି ତିନୋଟି ଫଲ ବା ଜଳପ୍ରପାତର ସମାହାର ଯାହା ନାଏଗ୍ରା ଗର୍ଜର ଦକ୍ଷିଣତମ ବିନ୍ଦୁରେ ଅବସ୍ଥିତ। ତିନୋଟି ଫଲ ମଧ୍ୟରୁ ସବୁଠାରୁ ବଡ ଫଲ୍ ହେଉଛି 'ହର୍ସସୁ ଫଲ' ଯାହା ନିଉୟର୍କ ଓ କାନାଡାର ଓଣ୍ଟାରିଓ ମଝିରେ ଅବସ୍ଥିତ। ଏହା ଭିତର ଦେଇ ଇଣ୍ଟର ନେସନାଲ୍ ବର୍ଡର ବା କାନାଡା ଓ ଆମେରିକାର ସୀମାରେଖା ରହିଛି। ଅନ୍ୟ ଦୁଇଟି ଫଲ୍ ବା ଜଳପ୍ରପାତ ହେଲେ 'ଦି ସ୍ମଲର ଆମେରିକା ଫଲସ୍' ଓ 'ବ୍ରାଇଡାଲ ଭେଲ ଫଲ୍' ଯାହା ଆମେରିକା ଭିତରେ ରହିଛି। 'ବ୍ରାଇଡାଲ ଭେଲ ଫଲ୍' ଓ 'ହର୍ସସୁ ଫଲ୍' ମଝିରେ ଅଛି 'ଗୋଟ୍ ଆଇଲ୍ୟାଣ୍ଡ' ଏବଂ 'ବ୍ରାଇଡାଲ ଭେଲ ଫଲ୍' ଓ ଆମେରିକାନ୍ ଫଲସ୍ ମଝିରେ ଅଛି 'ଲୁନା ଆଇଲ୍ୟାଣ୍ଡ'। ଏଇ ଦୁଇଟି ଯାକ ଦ୍ୱୀପ ମଧ୍ୟ ଆମେରିକାରେ ଅବସ୍ଥିତ। ନାଏଗ୍ରାନଦୀ ର ଜଳ 'ଏରି ହ୍ରଦ' ଓ 'ଅଣ୍ଟାରିଓ' ହ୍ରଦ ଭିତରକୁ ବୋହି ଆସିଛି ଏବଂ ଏହାର ମିଳିତ ଜଳ ଖୁବ୍ ଉଚ୍ଚରୁ ପ୍ରାୟ ୧୬୦ ଫୁଟ ଉପରୁ ସମତଳ ଉପରେ ପଡୁଛି। ଉତ୍ତର ଆମେରିକାର ସବୁଠାରୁ ଶକ୍ତିଶାଳୀ ଜଳପ୍ରପାତ ହେଉଛି 'ହର୍ସସୁଫଲ' ଯେଉଁଠି ଜଳପ୍ରପାତ ତାର ସୌନ୍ଦର୍ଯ୍ୟ ସହ ହାଇଡ୍ରୋ ପାୱାର ଶକ୍ତି, ପାଇଁ ଖୁବ୍ ବିଖ୍ୟାତ।

ସଂଧ୍ୟା ୬ଟାରେ ନାଏଗ୍ରାଫଲ ବୁଲିବା ପାଇଁ ଆଉ ଟିକେଟ୍ ଦିଆଯାଏ ନାହିଁ, କାରଣ 'ଫେରିବୋଟ୍'ରେ ଯିବା ବିପଦଜନକ ହୋଇପଡେ। ତେଣୁ ଖୁବ୍ ଶୀଘ୍ର ନାଏଗ୍ରାଫଲ ଭିତରକୁ ଓହ୍ଲାଇଯାଇ ଫେରିବୋଟ୍‌ରେ ବସିଲୁ। ଭିତରେ ନୌକାରେ ଗଲାବେଳେ ଆମକୁ ଗୋଟିଏ ଗୋଟିଏ ରେନ୍‌କୋଟ୍ ପିନ୍ଧିବାକୁ ପଡିଥିଲା। ନାଏଗ୍ରାଫଲରେ ବୋଟ୍‌ରେ ଗଲାବେଳେ ପାଣିର ସୁଅ ଏତେ ପ୍ରଖର ହୋଇଥାଏ ଯେ, ନୌକାଟି ଟିକିଏ ହଲିଗଲେ ଆମେ ଶଂକାଗ୍ରସ୍ତ ହୋଇପଡୁଥିଲା। ଗଲାବେଳେ ଫଲ୍‌ର ପାଣିର ଛିଟ୍‌କାରେ ଆମେ ଓଦା ହୋଇଯାଇଥିଲୁ। ଜୁଲାଇ ମାସରେ ମଧ୍ୟ ଥଣ୍ଡାରେ କିଛିପାଣି ବରଫ ହୋଇଯାଇଥିଲା। ସେ ମନୋରମ ନୌକା ବିହାରରୁ ଫେରି ଆମେ କାନାଡା ପାଖ ନାଏଗ୍ରାଫଲକୁ ଆସି ତା କୂଳରେ ବସିଲୁ। ଆମେରିକା ପଟ ନାଏଗ୍ରାଫଲ ଠାରୁ କାନାଡା ପଟ ନାଏଗ୍ରାଫଲର ଦୃଶ୍ୟ ବେଶୀ ଚମତ୍କାର। ସଂଧ୍ୟାବେଳ ହୋଇଥିବାରୁ କାନାଡା ପଟୁ ଅନେକ ଆଲୋକମାଳା ଆମେ ଦେଖିବାକୁ ପାଇଥିଲୁ ଯଥା ନାଲି, ନେଳି, ଶାଗୁଆ, ହଳଦିଆ ଓ ନୀଳରଙ୍ଗର ଆଲୁଅ ସେ ସବୁ ଇନ୍ଦ୍ରଧନୁ ର ରଙ୍ଗ ଭଳି ପ୍ରତୀୟମାନ ହେଉଥାଏ। କାନାଡା ପଟୁ ନାଏଗ୍ରାଫଲର ପାଣିରେ ଏସବୁ ରଙ୍ଗ ପ୍ରତି ବିମ୍ବିତ ହୋଇ ଏକ ଅପୂର୍ବ ଶୋଭା ଧାରଣ କରିଥାଏ। ସେ ଦୃଶ୍ୟ ଘଣ୍ଟା ଘଣ୍ଟା ଧରି ଦେଖିବାକୁ ଇଚ୍ଛା ହେଉଥିଲା। ଶେଷକୁ ରାତି ୯ଟା ଯାଏଁ ନାଏଗ୍ରାଫଲ କୂଳରେ ବସି ତା'ପରେ ବସ୍ ଯୋଗେ ନାଏଗ୍ରା ଟାଉନ୍‌କୁ ଫେରିଲୁ। ଏହା ଏକ ବଡ ସହର ଏଥିରେ ସ୍କୁଲ, କଲେଜ, ହସପିଟାଲ, ରେଷ୍ଟୋରା ଆଦି ସବୁ ଜିନିଷ ଅଛି। ଏହା ଗୋଟିଏ ଟୁରିଷ୍ଟ ସ୍ଥାନ ହୋଇଥିବାରୁ ମେଡିକାଲ ଏମର୍ଜେନ୍ସି ପାଇଁ ସବୁ ସୁବିଧା ଏଠି ଅଛି। ଆମେ ରାତିଟି ପାଇଁ ନାଏଗ୍ରାଫଲର ଗେଷ୍ଟହାଉସ୍‌ରେ ରହି, ତା'ପର ଦିନ ନିଉୟର୍କ ଫେରିଲୁ।

ନାଏଗ୍ରାଫ

ବାର୍ଷିକ କ୍ରୀଡା ୨୦୨୧ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ଦ୍ୱାରା ଉଦ୍‌ଘାଟିତ

ବାରିପଦା, ୧୩/୧୧ (ନି.ପ୍ର): ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ବାର୍ଷିକ କ୍ରୀଡା ୨୦୨୧ ଓଡ଼ିଶାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ୫୦୦୦ ମିଟର ଦୌଡ ରଘୁନାଥପୁର ହରିବଳଦେବ ଜୀଉ ମନ୍ଦିର ନିକଟରୁ ଆରମ୍ଭ ହୋଇ ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ନିକଟରେ ଶେଷ ହୋଇଥିଲା । ମହାବିଦ୍ୟାଳୟ ପ୍ରାୟ ବନ୍ଦ ରହିଆସୁଥିଲା । ତେଣୁ ବିଗତ ଦୁଇ ବର୍ଷ ଧରି ବାର୍ଷିକ କ୍ରୀଡାରେ ଛାତ୍ରଛାତ୍ରୀମାନେ ଯୋଗ ଦେଇ ପାରୁ ନ ଥିଲେ । ଏହି ବାର୍ଷିକ କ୍ରୀଡା ଉତ୍ସବରେ ଛାତ୍ରଛାତ୍ରୀ ବହୁଳ ଭାବରେ ଅଂଶ ଗ୍ରହଣ କରିଥିବାର ଦେଖାଯାଇଥିଲା । ଛାତ୍ରୀମାନେ ସବୁ ଖେଳରେ ଅଂଶ ଗ୍ରହଣ କରିବା ସହିତ ମହାରାଜପୁର ଖେଳପଡିଆରେ ଛାତ୍ରୀମାନଙ୍କ ମଧ୍ୟରେ ଫୁଟବଲ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ବର୍ଷ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ତରଫରୁ ମହିଳା ଏବଂ ପୁରୁଷ ବିଭାଗ ଆନ୍ତମହାବିଦ୍ୟାଳୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ଆୟୋଜନ କରିବା ନିମନ୍ତେ ବିଶ୍ୱବିଦ୍ୟାଳୟ ତରଫରୁ ସ୍ଥିରୀକୃତ ହୋଇଛି । ତେଣୁ କ୍ରିକେଟ ଏବଂ ଫୁଟବଲ ଖେଳ ନିମନ୍ତେ ଛାତ୍ରୀମାନେ ଅଧିକ ଉତ୍ସାହିତ ହେଉଥିବାର ଦେଖିବାକୁ ମିଳିଥିଲା । ଏହି ବାର୍ଷିକ କ୍ରୀଡା ଉତ୍ସବ ୩ ଦିନ ଧରି ଚାଲିବ । ଏଥିରେ ମହିଳା ଓ ପୁରୁଷ ବିଭାଗର ୧୦୦ ମିଟର, ୨୦୦ ମିଟର, ୪୦୦ ମିଟର, ୧୫୦୦ ମିଟର ଓ ୫୦୦୦ ମିଟର ଦୌଡ ସହିତ ବ୍ୟାଡମିଣ୍ଟନ, ଭଲିବଲ ପ୍ରତିଯୋଗିତା ଶେଷ ହୋଇସାରିଥିବା ବେଳେ ଅନ୍ୟାନ୍ୟ ପ୍ରତିଯୋଗିତା ଆଗାମୀ ଦିନମାନଙ୍କରେ ଶେଷ ହେବ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀଯୁକ୍ତ ସୁଦାମ ମାରାଣ୍ଡି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହିତ ସେମାନେ କେଉଁଠାରୁ ଆସିଛନ୍ତି ଏବଂ ଏହି ମହାବିଦ୍ୟାଳୟରେ କ'ଣ କ'ଣ ପଢୁଛନ୍ତି ପଚାରି ବୁଝିଥିଲେ ।

ଶ୍ରୀମନ୍ଦିରରେ ଭକ୍ତଙ୍କ ସୁନାଚେନ୍ ଲୁଟି ଜେଲ୍‌ଗଲେ ମହିଳା

ପୁରୀ,୧୩/୧୧ (ନି.ପ୍ର): ଶ୍ରୀମନ୍ଦିରରେ ଦର୍ଶନାର୍ଥୀଙ୍କ ବେକରୁ ସୁନାଚେନ୍ ଲୁଟୁଥିବା ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରା ତଳମାଳି ସାହିର କେ ମଲ୍ଲିକା(୫୦)କୁ ସିଂହଦ୍ୱାର ଥାନା ପୁଲସ ଗିରଫ କରିଛି । ଗିରଫ କେ ମଲ୍ଲିକା ନିକଟରୁ ୩ ଗୋଟି ସୁନାଚେନ୍ ଓ ଗୋଟିଏ ମଙ୍ଗଳସୁତ୍ର ଜବତ କରାଯାଇଛି । ଅଭିଯୁକ୍ତ ନାମରେ ସିଂହଦ୍ୱାର ଥାନାରେ ଭାରତୀୟ ଦଣ୍ଡବିଧି ଆଇନ୍‌ର ଧାରା ୩୯୨ରେ୧୦୩/୨୧ ମାମଲା ରୁଜୁ କରି ଆଜି ତାକୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ୍ ନାମଞ୍ଜୁରହେବାରୁ ତାଙ୍କୁ ଜେଲ୍ ଯିବାକୁ ପଡ଼ିଛି । ଗତକାଲି ସକାଳ ପ୍ରାୟ ସାଢେ ଆଠଟାରେ ଭିତରକାଠ ନିକଟରେ ମହାପ୍ରଭୁଙ୍କ ଦର୍ଶନ କରୁଥିବାବେଳେ ତାଙ୍କ ବେକ୍‌ରୁ ଲକେଟ ଥିବା ସୁନା ଚେନ୍‌ଟି ଜଣେ ମହିଳା ହଠାତ୍ ଛିଣ୍ଡାଇ ନେଇ ଖସିଯିବାକୁ ବସିଥିଲେ । ସେ ଚିତ୍କାର କରିବାରୁ ସେଠାରେ କର୍ତ୍ତବ୍ୟରତ ସାଧାପୋଷାକଧାରୀ ପୁଲିସ ସମ୍ପୃକ୍ତ ମହିଳାଙ୍କୁ ଥାନାକୁ ନେଇଥିଲେ । ଯାଞ୍ଚ ସମୟରେ ତାଙ୍କ ନିକଟରୁ ୩ ଗୋଟି ସୁନାଚେନ୍ ଓ ଗୋଟିଏ ମଙ୍ଗଳସୁତ୍ର ଜବତ କରାଯାଇଥିଲା ।

କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୭ ଗିରଫ

ଭୁବନେଶ୍ୱର, ୧୩/୧୧ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୭ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୪୬୯ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧୭,୧୭,୨୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

ରୋଟାରୀ କ୍ଲବ ଶାଶ୍ୱତର ପ୍ରାକ୍ତନ ସଭାପତିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର,୧୩/୧୧ (ନି.ପ୍ର): ବାଲେଶ୍ୱର ରୋଟାରୀ କ୍ଲବ ଶାଶ୍ୱତ ପକ୍ଷରୁ ଅନୁଷ୍ଠାନର ପ୍ରାକ୍ତନ ସଭାପତି ଦିବଂଗତ ପ୍ରଫେସର ଜଗନ୍ନାଥ ପ୍ରସାଦ ଦାସଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । କ୍ଲବର ସଭାପତି ଡ. କୁମାର ଗୋପାଳଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ସଭାପତି ଲକ୍ଷ୍ମୀନାରାୟଣ ମହାନ୍ତି, ଇଂ ହୃଷୀକେଶ ସାହୁ, ଦୁକୁଲୁ ଘଡ଼େଇ, ସୁବ୍ରତ ରଣା, ଶଶାଙ୍କ ଶେଖର ଦେ, ସୁଗୋତ କୁମା ବୋଷ, ଦେବାଶିଷ ଚାଟାର୍ଜୀ, ବିଜୟ କୁମାର ଦାସ, ସଞ୍ଜୟ ମହାନ୍ତି, ନଟବର ପ୍ରଧାନ, ପ୍ରବୋଧ ଶତପଥୀ ପ୍ରମୁଖ ରୋଟାରିଆନମାନେ ଯୋଗଦେଇ ସ୍ୱର୍ଗତ ଦାସଙ୍କ ଜୀବନାଦର୍ଶ ଓ ବହୁବିଧ ପ୍ରତିଭା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ଜଣେ ଉଚ୍ଚଶିକ୍ଷିତ, ସମାଜସେବୀ, ମେଳାପୀ, ଦରଦୀ ତଥା ଆତ୍ମୀୟତାପୂର୍ଣ୍ଣ ବ୍ୟକ୍ତିତ୍ୱ ଭାବେ ସ୍ୱର୍ଗତ ଦାସ ସମସ୍ତଙ୍କର ପ୍ରିୟ ଥିଲେ ବୋଲି ଉପସ୍ଥିତ ବକ୍ତାମାନେ ମତ ଦେଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ଦାସଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ଓ ନିରବ ପ୍ରାର୍ଥନା ସହ ଦିବଂଗତ ଆତ୍ମାପ୍ରତି ସମସ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

ନଭେମ୍ବର ୧୩ରେ ଜିଲ୍ଲା ସ୍ତରୀୟ ମେଗା ଆଇନ ସେବା ଶିବିର

ବାରିପଦା,୧୩/୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତତ୍ତ୍ୱାବଧାନରେ ଜିଲ୍ଲାପ୍ରଶାସନର ମିଳିତ ସହଯୋଗରେ ଚଳିତ ନଭେମ୍ବର ମାସ ୧୩ ତାରିଖ ଦିବା ୧୦ ଘଟିକା ସମୟରେ ବାରିପଦା ସହିଦ୍ ସ୍ମୃତି ଭବନ ଠାରେ ଏକ ଜିଲ୍ଲା ସ୍ତରୀୟ ମେଗା ଆଇନ ସେବା ଶିବିର ଅନୁଷ୍ଠିତ ହେବ । ଏହି ଶିବିରରେ ସରକାରଙ୍କ ବିଭିନ୍ନ ବିଭାଗ ଯଥା ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଉଦ୍ୟାନ କୃଷି, ଡିଆରଡିଏ, ରାଜସ୍ୱ, ବୟନଶିଳ୍ପ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଜିଲ୍ଲା ମଙ୍ଗଳ, ଜିଲ୍ଲା ସାମାଜିକ ସୁରକ୍ଷା, ଜିଲ୍ଲା ସମାଜ କଲ୍ୟାଣ, ଜିଲ୍ଲା ଶିଶୁ ସୁରକ୍ଷା, ଜିଲ୍ଲା ଶ୍ରମ, ଜିଲ୍ଲା ଯୋଗାଣ ବିଭାଗ ଆଦି ସରକାରୀ ବିଭାଗ ଉଦ୍ୟୋଗ ସମେତ ଆରଡିଏସ୍ ସେଚ୍ଛାସେବୀ ଅନୁଷ୍ଠାନ ୩୦ ରୁ ଉର୍ଦ୍ଧ ପ୍ରଦର୍ଶନୀ ଷ୍ଟଲ ଖୋଲାଯାଇ ଜନସାଧାରଣଙ୍କ ସାମାଜିକ ଅର୍ଥନୈତିକ ବିକାଶ ତଥା ହିତସାଧନ ପାଇଁ କାର୍ଯ୍ୟକାରୀ କରାଯାଉ ଥିବା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜାନ ବିଷୟରେ ସୂଚନା ପତ୍ରିକା, ପୋଷ୍ଟର, ବ୍ୟାନର ମାଧ୍ୟମରେ ସଚେତନତା କରାଯିବା ସହିତ ବିଭାଗ ତରଫରୁ ଆବଶକୀୟ ସୁବିଧା ସୁଯୋଗ ଓ ସହାୟତା ଯୋଗାଇ ଦେବାର ବ୍ୟବସ୍ଥା ରହିଛି । ଏହି ଶିବିରରେ ବିଶେଷ କରି ବିପିଏଲ୍ ପରିବାର, ଅନୁସୂଚୀତ ଜାତି, ଜନଜାତି ଓ ସଂଖ୍ୟାଲଘୁ, ଭିନ୍ନକ୍ଷମ, ଏସ୍‌ଏଚ୍‌ଜି ମିଶନ ଶକ୍ତି କୃଷକ, ଶ୍ରମିକ ଏବଂ ଅନ୍ୟାନ୍ୟ ସମସ୍ତ ବର୍ଗର ଯୋଗ୍ୟ ତଥା ପ୍ରକୃତ ହିତାଧିକାରୀ ଜନସାଧାରଣଙ୍କ ଉପଯୋଗ ପାଇଁ ରେସନ୍‌କାର୍ଡ, ନିର୍ମାଣ ଶ୍ରମିକ ପରିଚୟ ପତ୍ର, ଭିନ୍ନକ୍ଷମ, ଏମ୍‌ଜିଏନ୍‌ଆରଇଜିଏ, ଜବ କାର୍ଡ, ଜଙ୍ଗଲ ଜମି ପଟ୍ଟା, ସାମାଜିକ ସୁରକ୍ଷା ସହାୟତା, ଆଦି ବିଭିନ୍ନ ପ୍ରକାର ଯୋଜାନରେ ଚୟନ ହୋଇଥିବା ଯୋଗ୍ୟ ହିତାଧିକାରୀଙ୍କୁ ସହାୟତା ଓ ଉପକରଣ ବଣ୍ଟନ କରାଯିବାର କାର୍ଯ୍ୟକ୍ରମ ରହିଛି । ଉକ୍ତ ମେଗା ଆଇନ ସେବା ଶିବିରର ସଫଳ ରୂପାୟନ ପାଇଁ ସଂପୃକ୍ତ ବିଭାଗ ଅଧିକାରୀ ମାନଙ୍କ ସକ୍ରିୟ ସହଯୋଗ ତଥା କୋଭିଡ୍ ନିୟମ ଅନୁପାଳନ ଭିତିରେ ଆୟୋଜନ ନେଇ ପ୍ରସ୍ତୁତି କାର୍ଯ୍ୟ ଚୁଡାନ୍ତ ହୋଇଛି ।

ପିଆରଏମ ହସ୍ପିଟାଲ ନିକଟରେ ଜବରଦଖଲ ଉଚ୍ଛେଦ

ବାରିପଦା, ୧୩/୧୧ (ନି.ପ୍ର): ବାରିପଦାର ପିଆରଏମ ମେଡ଼ିକାଲ କଲେଜ ଓ ହସ୍ପିଟାଲ ସଂଲଗ୍ନ ରାସ୍ତା ଗୁଡିକରେ ଆଜି ଜବର ଦଖଲ ଉଚ୍ଛେଦ କରାଯାଇଛି । ଉକ୍ତ ରାସ୍ତାରେ ବେଆଇନ ଭାବେ ଜବରଦଖଲ କରି ବହୁ ଦିନ ହେବ ଉଠା ଦୋକାନ ମାନ ଖୋଲିଥିବା ସହ ରାସ୍ତା କଡରେ ବେଆଇନ ପାର୍କିଂ ବଢିବାରେ ଲାଗିଥିଲା । ଯାହାକୁ ନେଇ ସାଧାରଣ ଚଳପ୍ରଚଳ ସହ ଆମ୍ବୁଲାନ୍ସ ଆଦି ଯାତାୟତରେ ବହୁ ଅସୁବିଧା ଦେଖାଯାଉଥିଲା । ଏହି ସମସ୍ୟା ବିଷୟରେ ବିଭିନ୍ନ ସମୟରେ ଆମ୍ବୁଲାନ୍ସ ଚାଳକ ମାନେ ଜିଲ୍ଲା ପ୍ରସାଶନ ଜଣାଇଥିଲେ । ଜିଲ୍ଲା ପ୍ରଶାସନ ମଧ୍ୟ ଉକ୍ତ ସ୍ଥାନକୁ ନୋ ପାର୍କିଂ ଜୋନ ଭାବେ ଘୋଷାଣା କରିଥିଲା । କିନ୍ତୁ ଏହାପରେ ମଧ୍ୟ ସେହି ସ୍ଥାନରେ ବେଆଇନ ପାର୍କିଂ ସହ ଉଠା ଦୋକାନୀଙ୍କ ଭୀଡ ଲାଗି ରହିଥିଲା । ବାରିପଦା ପୌରପାଳିକା ପକ୍ଷରୁ ଏହାର କାର୍ଯ୍ୟାନୁଷ୍ଠାନ ସ୍ୱରୂପ ପିଆରଏମ ହସ୍ପିଟାଲକୁ ଲାଗିକି ଥିବା ରାସ୍ତା ଗୁଡିକରୁ ଏଗୁଡିକୁ ଉଚ୍ଛେଦ କରିବା ସହ ତାଗିଦ ମଧ୍ୟ କରାଯାଇଛି । କିନ୍ତୁ ବାରମ୍ବାର ଉଚ୍ଛେଦ ହେଉଥିଲେ ମଧ୍ୟ କିଛିଦିନ ପରେ ପୁଣି ପୂର୍ବ ପରି ଦୋକାନ ମାନ ଖୋଲି ଯାଉଥିବା ଦେଖିବାକୁ ମିଳୁଛି । ତେବେ ଏହି ଉଚ୍ଛେଦ ପ୍ରକ୍ରିୟା କେତେ ଦୂର କାର୍ଯ୍ୟକାରୀ ହେଉଛି ଏବଂ ଲୋକଙ୍କ ସମସ୍ୟାକୁ କେତେ ପରିମାଣରେ ସମାଧାନ କରୁଛି ତାହା ଦେଖିବାକୁ ବାକି ରହିଲା ।

ତ୍ୟାଗ-ସାଧନା ଦ୍ୱାରା ଜାତିର ଭବିଷ୍ୟତ ଗଠନ ଶିକ୍ଷକର ଧର୍ମ ହେଉ

ଜଳେଶ୍ୱର, ୧୩/୧୧(ନିପ୍ର): ବିଦ୍ୟାଳୟ ଏକ ଦେବାଳୟ, କୋମଳମତି ଶିଶୁମାନେ ଫୁଲ ସଦୃଶ । ଶିକ୍ଷକମାନେ ତ୍ୟାଗ ଓ ସାଧନ ଦ୍ୱାରା ଜାତିର ଭବିଷ୍ୟତଧର ମାନଙ୍କୁ ଗଢିବା ଉଚିତ ବୋଲି ବାଲେଶ୍ୱର ଜିଲା ଶିକ୍ଷାଧିକାରୀ ବିଷ୍ଣୁ ଚରଣ ସୂତାର ପ୍ରକାଶ କରିଛନ୍ତି । ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ରାଇବଣିଆର ଖୁଆଡସ୍ଥିତ ଦୀନକୃଷ୍ଣ ଉଚ୍ଚ ବିଦ୍ୟାଳୟର ନବମ ସୁବର୍ଣ୍ଣ ଜୟନ୍ତୀ ବାର୍ଷିକୀ ପାଳନ ଅବସରରେ ଆୟୋଜିତ ସଭାରେ ପୁରାତନ ଛାତ୍ର ସଂସଦର ସଭାପତି ତଥା ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଚନ୍ଦ୍ରମୋହନ କାପୁଡି ଅଧ୍ୟକ୍ଷତା କରିଥିଲେ । ଏଥିରେ ଜିଲା ଶିକ୍ଷାଧିକାରୀ ବିଷ୍ଣୁ ଚରଣ ସୂତାର ଯୋଗ ଦେଇ ଆତ୍ମୀୟତା, ମୋହନୀୟତା ବଳରେ ସତ୍ୟ, ସଂସ୍କୃତି, ସମ୍ମାନ, ଭାଇଚାରା ଉଦ୍ରେକ ହୋଇପାରେ ବୋଲି କହିବା ସହିତ ଶିକ୍ଷକମାନେ ଏହି ସବୁ ଗୁଣକୁ ଆଦରି ନେବା ଉଚିତ୍ ବୋଲି କହିଥିଲେ । ଏହି ବିଦ୍ୟାଳୟକୁ ସରକାର ୫ଟି ଯୋଜନାରେ ସ୍ଥାନିତ କରିଥିବାରୁ ଏହାର ବିକାଶ ଲାଗି ପୁରାତନ ଛାତ୍ରସଂଘ ଚେଷ୍ଟା କରିବା ଉଚିତ ବୋଲି କହିଥିଲେ । ସମ୍ମାନୀତ ଅତିଥିଭାବେ ଜଳେଶ୍ୱର ଗୋଷ୍ଠି ଶିକ୍ଷାଧିକାରୀ ଭଗୀରଥ ଗିରି ଯୋଗ ଦେଇ ପୁରାତନ ଛାତ୍ରସଂଘ ୭ କୋଟି ୩୩ ଲକ୍ଷ ଜମା କରି ସରକାରଙ୍କ ଠାରୁ ୨୧ଲକ୍ଷ୯୯ହଜାର ଟଙ୍କା ପାଇଥିବା ସଂପର୍କରେ ସୂଚନା ଦେଇଥିଲେ । ପୂର୍ବତନ ଛାତ୍ର ତଥା ବିଧାୟକ ଅଶ୍ୱିନୀ କୁମାର ପାତ୍ର ଆଜି ୧ଲକ୍ଷ ଟଙ୍କାର ଚେକ୍ ପ୍ରଧାନ ଶିକ୍ଷକଙ୍କୁ ପ୍ରଦାନ କରିଥିଲେ । ପୂର୍ବତନ ଛାତ୍ର ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରାଖାଲ ଚନ୍ଦ୍ର ଘଡେଇ, କୋଷାଧ୍ୟକ୍ଷ ଅନନ୍ତ ମହାନ୍ତି, ବଳରାମ ଦାସ ଓ ସୁଧାଂଶୁ ଜେନା, ବିଡିଓ ଦୀପ୍ତିରଂଜନ ସେଠୀ ଯୋଗ ଦେଇ ଅତୀତରେ ଏହି ବିଦ୍ୟାଳୟ ସମଗ୍ର ଉତ୍ତ ବାଲେଶ୍ୱରର ଏକ ପ୍ରମୂଖ ସ୍ଥାନ ଅଧିକାର କରିଥିବା କହିଥିଲେ । ବିବରଣୀ ପାଠରେ ଶରତ କୁମାର ଚନ୍ଦ ୫ଟି ଯୋଜନାରେ ଉଚ୍ଚ ବିଦ୍ୟାଳୟର ବିକାଶ ଲାଗି ୧ କୋଟି ୪୧ ଲକ୍ଷ ୫୦ହଜାର ଟଙ୍କାର ଏକ ଯୋଜନା ରହିଥିବା ସଂପର୍କରେ ସୂଚନା ଦେଇଥିଲେ । ପ୍ରଧାନ ଶିକ୍ଷକ ଦୀନବଂଧୁ ଦାସ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରିପାନ୍ତରିତ କରିବା ସହିତ ବିଭିନ୍ନ ସମସ୍ୟା ଓ କର୍ମଚାରୀ ଅଭାବ ସଂପର୍କରେ କହିଥିଲେ ।

ଓଡ଼ିଶା ସାମ୍ବାଦିକ ସଂଘ ପୁରୀ ଜିଲ୍ଲା କମିଟି ଗଠିତ

ପୁରୀ, ୧୩/୧୧ (ନି.ପ୍ର): ବଡ଼ଦାଣ୍ଡ ସ୍ଥିତ ମାଉସୀମା ମନ୍ଦିର ପରିସରରେ ସାମ୍ବାଦିକ ବିଜୟ ମିଶ୍ରଙ୍କ ସଭାପତିତ୍ୱରେ ଓଡ଼ିଶା ସାମ୍ବାଦିକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟସଭାପତି ଅଶୋକ ନନ୍ଦ ଯୋଗଦେଇ ସାମ୍ବାଦିକ ସୁରକ୍ଷା ଆଇନ୍, ସ୍ୱାସ୍ଥ୍ୟବୀମା ଅର୍ଥରାଶି ବୃଦ୍ଧି ଓ ପେନସନ୍ ଆଇନ୍ ଲାଗୁ କରିବା ପାଇଁ ରାଜ୍ୟସରକାରଙ୍କ ନିକଟରେ ଦାବି କରିଥିଲେ । ଏହି ଅବସରରେ ସଂଘର ପୁରୀ ଜିଲ୍ଲାଶାଖାର ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା । ବୈଠକରେ ସର୍ବ ସମ୍ମତି କ୍ରମେ ବିଜୟ ମିଶ୍ରଙ୍କୁ ସଭାପତି ଓ ସୁଧାଂଶୁ ଶେଖର କରଙ୍କୁ ସମ୍ପାଦକ ଭାବେ ନିର୍ବାଚିତ କରାଯାଇଥିଲା । ସେହିପରି ସଂଘର ଉପ ସଭାପତି ଭାବେ ବିଶ୍ୱନାଥ ମିଶ୍ର,ସଂଗଠନ ସମ୍ପାଦକ ଭାବେ ନିରଞ୍ଜନ ମିଶ୍ର, ସହ ସମ୍ପାଦକ ଭାବେ ଦେବେନ୍ଦ୍ର କୁମାର ନନ୍ଦ, ସୁଶାନ୍ତ କୁମାର ସାହୁ, ସଞ୍ଜୟ ଅଗ୍ରୱାଲ ଓ କୋଷାଧକ୍ଷ ଭାବେ ମଦନ ମୋହନ ପ୍ରତିହାରୀଙ୍କୁ ନିର୍ବାଚିତ କରାଯାଇଥିଲା ।ଏତଦ୍‌ବ୍ୟତୀତ କାର୍ଯ୍ୟକାରୀ କମିଟି ସଭ୍ୟଭାବେ ସତ୍ୟନାରାୟଣ ପଟ୍ଟନାୟକ, ଦିବ୍ୟରଞ୍ଜନ ବିଶୋଇ ଓ ଅନିମେଶ ପଟ୍ଟନାୟକ ନିର୍ବାଚିତ ହୋଇଥିଲେ । ସଭାପ୍ରାରମ୍ଭରେ ପୂର୍ବତନ ରାଜ୍ୟ ସଭାପତି ସ୍ୱର୍ଗତ ପ୍ରଭାତ ଦାଶ ଓ ଜିଲ୍ଲା ସଭାପତି ସ୍ୱର୍ଗତ କେଶବ ସେନାପତିଙ୍କ ଅମରଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।

ଆଇନ୍ ସେବା ଓ ସଚେତନତା ଶିବିର ଅନୁଷ୍ଠିତ

ପୁରୀ,୧୩/୧୧ (ନି.ପ୍ର): ତାଳବଣିଆସ୍ଥିତ ଷ୍ଟାଡ଼ିୟମ ପରିସରରେ ଜିଲ୍ଲାପ୍ରଶାସନ, ରାଜ୍ୟ ଓ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ମିଳିତ ସହଯୋଗରେ ଏକ ଆଇନ୍ ସେବା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଅଧକ୍ଷ ସନ୍ତୋଷ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଶିବିରରେ କରୋନା ମହାମାରୀ ସମୟରେ ପିତା ମାତାଙ୍କୁ ହରାଇଥିବା ପିଲାମାନଙ୍କୁ ଆଶିର୍ବାଦ ଯୋଜନା, ଭିନ୍ନକ୍ଷମଙ୍କୁ ହୁଇଲ ଚେୟାର ଓ ରାଜ୍ୟସରକାରଙ୍କ ବିଭିନ୍ନ ଯୋଜନା ଅନ୍ତର୍ଗତ ହିତାଧିକାରୀ ମାନଙ୍କୁ ସହାୟତା ବଣ୍ଟନ କରାଯାଇଥିଲା । ଏଭଳି ଶିବିର ଆୟୋଜନରେ ସହଯୋଗ କରିଥିବାରୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଅମରେଶ ମହାପାତ୍ର ଜିଲ୍ଲାପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସୁବସ ଚନ୍ଦ୍ର ନାଥ ଶର୍ମା,ପରିବାର ଅଦାଲତ ବିଚାରପତି ଅରୁଣ ମଲ୍ଲିକ,ଅତିରିକ୍ତ ଜିଲ୍ଲାଜଜ୍ ରାଜକିଶୋର ଲେଙ୍କା, ବିଭିନ୍ନ ବିଭଗୀୟ ଅଧିକାରୀମାନେ ଉପସ୍ଥିତଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ....

ଗସ୍ତ କରିଥିଲେ ଏବଂ ସେ ଗସ୍ତ ସମୟରେ ତାଙ୍କର ରାୟପୁର ନିବାସକୁ ଯାଇଥିଲେ କି ନାହିଁ ଏବଂ ଯଦି ଯାଇଥିଲେ ତାଙ୍କ ସାଂଗରେ ଆଉ କିଏ କିଏ ଯାଇଥିଲେ ଏହାର ସୂଚୀ ଶୀଘ୍ର ରାଜ୍ୟ ସରକାର ସାର୍ବଜନୀନ କରନ୍ତୁ ବୋଲି ଦାବି କରିଥିଲେ । ଆଗାମୀ ଦିନରେ ଓଡ଼ିଶାର ମା' ଭଉଣୀମାନଙ୍କର ସୁରକ୍ଷା ଏବଂ ମର୍ଯ୍ୟାଦା ପାଇଁ କଂଗ୍ରେସ ଦଳ ସାଧାରଣ ଜନତାଙ୍କ ନିକଟରେ ପଂହଚି ଜନମତ ସଂଗ୍ରହ କରିବା ସହ ସରକାରଙ୍କ ବିରୋଧରେ ଏକ ଦୃଢ଼ ଆନ୍ଦୋଳନ କରିବ । ଗଣତନ୍ତ୍ରକୁ ସୁରକ୍ଷା ଓ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ଯଥାଶୀଘ୍ର ଗୃହ ରାଷ୍ଟ୍ର ମନ୍ତ୍ରୀଙ୍କୁ ବହିଷ୍କାର କରିବା ସହ ମମିତା ମେହେର ହତ୍ୟାକାଣ୍ଡର ଏକ ଉଚ୍ଚସ୍ତରୀୟ ନ୍ୟାୟିକ ତଦନ୍ତ ପୂର୍ବକ ଏହାର ସତ୍ୟାସତ୍ୟ ନିର୍ଣ୍ଣୟ କରିବାପାଇଁ ଶ୍ରୀ ଦାସ ଦାବି କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେର ବରିଷ୍ଠ ଉପସଭାପତି ଯଜ୍ଞେଶ୍ୱର ବାବୁ, ରାଜ୍ୟ ପଛୁଆବର୍ଗ ବିଭାଗର ଅଧକ୍ଷ ଜ୍ଞାନଦେବ ବେଉରା, ମୁଖପାତ୍ର ମନୋଜ ମହାପାତ୍ର, ପଦ୍ମାକର ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ ।

ମମିତା ମ

ବାଲେଶ୍ୱର, ରବିବାର, ୧୪ ନଭେମ୍ବର, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ ଟୁର୍‌ରେ ଏଥର ପାଉଡି ଭୂୟାଁ ଜନଜାତି

ଭୁବନେଶ୍ୱର,୧୩/୧୧(ନି.ପ୍ର): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ ଟୁର ରେ ଆସନ୍ତାକାଲି ଦର୍ଶକମାନେ ଟ'ସ୍‌ବୁକ୍ ଓ ଟୁଇଟର ପେଜ୍ ମାଧ୍ୟମରେ ପାଉଡି ଭୂୟାଁ ଜନଜାତି ସଂପର୍କରେ ଜାଣିପାରିବେ। ଭୂୟାଁ ଜନଜାତିର ଏକ ଗୋଷ୍ଠି ହେଉଛନ୍ତି ପାଉଡି ଭୂୟାଁ ଜନଜାତି। ବିହାର, ପଶ୍ଚିମବଙ୍ଗ ଓ ଆସାମରେ ପାଉଡି ଭୂୟାଁ ଜନଜାତି ବସବାସ କରିଥାନ୍ତି। ଓଡିଶାର ସୁନ୍ଦରଗଡ, ଅନୁଗୁଳ ଓ ଦେଓଗଡ ଜିଲ୍ଲାରେ ଏହି ଜନଜାତି ବାସ କରନ୍ତି। ସେମାନଙ୍କର ମୁଖ୍ୟ ପେଶା ହେଉଛି ଝାଡୁ ତିଆରି, ମ୍ୟାଟ୍ ତିଆରି, ଝୁଡି ପ୍ରସ୍ତୁତି, ଲିଚୁ ଚାଷ, ଟସର ଚାଷ ଇତ୍ୟାଦି। ସେମାନେ ସ୍ଥାନୀୟ ଓଡିଆ ଭାଷାରେ କଥାବାର୍ତା କରିଥାନ୍ତି। ସେମାନେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଓ ଶିକାର କରିବାକୁ ଭଲ ପାଆନ୍ତି। ଯୁବକମାନଙ୍କ ପାଇଁ ଗ୍ରାମର କେନ୍ଦ୍ର ଭାଗରେ 'ଦରବାର ଘର' ତିଆରି ହୋଇଥାଏ। ଏହି ସୁପ୍ରଶସ୍ତ ଶୟନାଗାରରେ ସେମାନେ କାନ୍ଥରେ 'ଚାଙ୍ଗୁ' ଝୁଲାଇ ରଖିଥାନ୍ତି ଓ ଅନ୍ୟ ଏକ କୋଣରେ ଶସ୍ୟ ରଖାଯାଇଥାଏ। ଗୋଟିଏ ଗ୍ରାମରେ ୫ରୁ ୨୦ଟି ପରିବାର ବାସ କରିଥାନ୍ତି। ପାଉଡି ଭୂୟାଁ ଜନଜାତି ସେମାନଙ୍କର ଘରକୁ ପରିଷ୍କାର ପରିଚ୍ଛନ୍ନ ରଖିଥାନ୍ତି। ଘରର କାନ୍ଥ ଗୋବରରେ ଓ ନାଲି ମାଟିରେ ଲିପା ଯାଇଥାଏ। ପ୍ରତ୍ୟେକ ପରିବାରରେ କିଚେନ୍ ଗାର୍ଡେନ୍ ରହିଥାଏ। ଘରଗୁଡିକ ୩ ଭାଗରେ ବିଭକ୍ତ ହୋଇଥାଏ। ଆଭ୍ୟନ୍ତରୀଣ ଭାଗରେ ଶସ୍ୟାଗାର, ମଧ୍ୟଭାଗରେ ରୋଷେଇ ଓ ଶୟନ କକ୍ଷ ରହିଥାଏ। ପାଉଡି ଭୂୟାଁମାନେ ମୁଖ୍ୟତଃ ମାଟିର ପାତ୍ର , ତାଳପତ୍ର ଚଟେଇ ଓ ବାଉଁଶ ଝୁଡି ବ୍ୟବହାର କରିଥାନ୍ତି। ସେମାନେ ପୋଡୁଚାଷ କରିଥାନ୍ତି। ସେମାନଙ୍କର ପୋଡୁ ଚାଷର କ୍ଷେତ୍ରକୁ 'ବିରିଙ୍ଗା' କୁହାଯାଏ। ଆଉ ମଧ୍ୟ ସେମାନେ ଡାଲି ଓ ବାଜରା ଜାତୀୟ ଚାଷ କରିଥାନ୍ତି। ଅନାବାଦି ଜମିଗୁଡିକ ଗ୍ରାମର ଅଧୀନକୁ ଚାଲିଯାଏ। ପାଉଡି ଭୂୟାଁମାନେ ଗାଈ, ମଇଁଷି, ଛେଳି, ମେଣ୍ଢା, କୁକୁଡା ଆଦି ପଶୁ ପାଳନ କରିଥାନ୍ତି। ଦୈନନ୍ଦିନ ଆବଶ୍ୟକତା ପୂରଣ ନିମନ୍ତେ ସେମାନେ ତାଙ୍କ କୃଷି ଓ ଜଙ୍ଗଲଜାତ ଦ୍ରବ୍ୟକୁ ଅନ୍ୟମାନଙ୍କ ସହ ବଦଳ କରିଥାନ୍ତି।

'ଏଣ୍ଟିଟି ଡାଟା' ଆଇଟି କମ୍ପାନି ପକ୍ଷରୁ ଜ୍ୟୋତି ହସପିଟାଲକୁ ଆମ୍ବୁଲାନ୍ସ ପ୍ରଦାନ

ବାଲେଶ୍ୱର,୧୩/୧୧ (ନି.ପ୍ର): ବାଲେଶ୍ୱର ସହର ଉପକଣ୍ଠ କୁରୁଡ଼ା ସ୍ଥିତ ଜ୍ୟୋତି ହସପିଟାଲକୁ ଜର୍ମାନ ଆଇଟି କମ୍ପାନୀ 'ଏଣ୍ଟିଟି ଡାଟା' ପକ୍ଷରୁ ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ନୂଆଦିଲୀର ସ୍ୱେଚ୍ଛାସେବୀ ସଂଗଠନ ବିନୟ ଓ୍ୱେଲଫେୟାର ଆସୋସିଏସନ ସହଯୋଗରେ ଜ୍ୟୋତି ହସପିଟାଲକୁ ଏହି ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ହସପିଟାଲ ପରିସରରେ ଏକ କୃତଜ୍ଞତା ଜ୍ଞାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜ୍ୟୋତି ହସପିଟାଲର ପ୍ରତିଷ୍ଠାତା ବିଶପ ଥେରୁଥିଲିଲ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମାନବସେବାରେ ବିଭିନ୍ନ ସଙ୍ଗଠନମାନଙ୍କ ସହଯୋଗ ଓ ପ୍ରୋତ୍ସାହନ ପ୍ରେରଣାଦାୟକ ବୋଲି କହିଥିଲେ। ସ୍ୱେଚ୍ଛାସେବୀ ସଂଗଠନ ବିନୟ ଓ୍ୱେଲଫେୟାର ଆସୋସିଏସନର ସଭାପତି ମୀନୁଶ୍ରୀ ମଧୁମିତା ଓ ସମ୍ପାଦକ ଦୁର୍ଗେଶ ମିଶ୍ର ଏଥିରେ ବିଶେଷ ଅତିଥିଭାବେ ଯୋଗଦେଇ ଜ୍ୟୋତି ହସପିଟାଲକୁ ଆମ୍ବୁଲାନ୍ସ ପ୍ରଦାନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ବିଶେଷ କରି କୋଭିଡ ଚିକିତ୍ସାରେ ଜ୍ୟୋତି ହସପିଟାଲର ଉଲ୍ଲେଖନୀୟ ଅବଦାନ ପାଇଁ ଆମ୍ବୁଲାନ୍ସ ପ୍ରଦାନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିବା ମୀନୁଶ୍ରୀ ମଧୁମିତା ପ୍ରକାଶ କରିଥିଲେ। ଜ୍ୟୋତି ହସପିଟାଲର ନିର୍ଦ୍ଦେଶକ ଫାଦର ପଲ କୁନମ ପରମପଥ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିନୟ ଓ୍ୱେଲଫେୟାର ଆସୋସିଏସନ୍‌ର କର୍ମକର୍ତାମାନେ ହସପିଟାଲର ପ୍ରତିଷ୍ଠାତା ବିଶପ୍ ଥେରୁଥିଲିଲଙ୍କୁ ନୂତନ ଆମ୍ବୁଲାନ୍ସର ଚାବି ହସ୍ତାନ୍ତର କରିଥିଲେ। ଜ୍ୟୋତି ହସପିଟାଲର ଅଧ୍ୟକ୍ଷା ଡାକ୍ତର ଶ୍ରୀମତି ଓ ଜ୍ୟୋତି ନର୍ସିଂ ସ୍କୁଲର ଅଧ୍ୟକ୍ଷା ସିଷ୍ଟର ସୁମା ରାଣୀଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

ଗୋ ସେବାରେ ଉତ୍ସର୍ଗୀକୃତ ଉଚ୍ଚ ଶିକ୍ଷିତ ଯୁବକ ଅରିନ୍ଦମ ନାୟକ

ବାସୁଦେବପୁର,୧୩/୧୧ (ନି.ପ୍ର): ଭାରତ ବର୍ଷରେ ଗୋ ମାତାଙ୍କୁ ଦେବତା ଭାବରେ ପୂଜା କରାଯାଉଛି । ଏହି ଗୋମାତାଙ୍କର ସେବା କରିବା ପାଇଁ ମନରେ ଆଶା ବାନ୍ଧିଛନ୍ତି ଅରିନ୍ଦମ ନାୟକ । ହୋଟେଲ୍ ମ୍ୟାନେଜମେଣ୍ଟ ପାଠ ପଢି ବିଦେଶରେ ରହି ଅର୍ଥ ରୋଜଗାର କରିବା ଅପେକ୍ଷା ନିଜ ଗାଁ ମାଟିରେ ବାପା ମାଆଙ୍କ ପାଖରେ ରହି ଗୋସେବା କରି ଅର୍ଥ ରୋଜଗାର କରିବାକୁ ସ୍ଥିର କରିଛନ୍ତି ଅରିନ୍ଦମ ନାୟକ । ବାସୁଦେବପୁର ପୌରପାଳିକାର ଅବସରପ୍ରାପ୍ତ ଶିକ୍ଷା ନିରୀକ୍ଷକ ଭଗବାନ ଚନ୍ଦ୍ର ନାୟକ ଓ ଶିକ୍ଷୟତ୍ରୀ ମମତା ନାୟକଙ୍କ ବଡପୁଅ ଅରିନ୍ଦମ । ତାଙ୍କର ଡାକନାମ ମିକୁ। ଭାରି ମେଳାପି ଓ ସରଳ । ସମାଜରେ ନୂଆକିଛି କରିବାର ଲକ୍ଷ୍ୟ ନେଇ ଅରିନ୍ଦମ ହୋଟେଲ ମ୍ୟାନେଜମେଣ୍ଟରେ ଶିକ୍ଷା ଶେଷ କରିଛନ୍ତି। ଶିକ୍ଷା ଶେଷ ପରେ ବିଦେଶ ନଯାଇ ନିଜ ଘରେ ଗୁଜୁରାଟରୁ ଉନ୍ନତମାନର ଗାଈ ଆଣି ଗୋ ପାଳନ କରୁଛନ୍ତି। ମୋଟ ୫ଟି ଗାଈରୁ ତାଙ୍କର ଏହି ଗୋ ପ୍ରକଳ୍ପ ଆରମ୍ଭ କରିଛନ୍ତି। ଗୋଟିଏ ଗାଈକୁ ୨ ଲକ୍ଷରୁ ଅଧିକ ଟଙ୍କାରୁ ଅଧିକ ମୂଲ୍ୟଦେଇ ବାହାର ରାଜ୍ୟରୁ ଆଣିଛନ୍ତି ମିକୁ। ଏଥିପାଇଁ ଧର୍ମପତ୍ନୀ ପ୍ରତିମା ଦାସ ଶିକ୍ଷୟତ୍ରୀ ଚାକିରି ଛାଡି ଏହି ଗୋସେବାରେ ସାମିଲ୍ ହୋଇଛନ୍ତି । ଲକ୍ଷ୍ମୀ ଓ ରାଧା ସମେତ ଆଉ ୩ଟି ଗାଈଙ୍କୁ ଏଭଳି ଯତ୍ନରେ ରଖିଛନ୍ତି ଯେ ପାଖ ଆଖର ଗୋପ୍ରେମୀ ମାନେ ତାହାକୁ ନିତି ଦେଖିବା ପାଇଁ ଆସୁଛନ୍ତି। ଏହି ଗାଈଙ୍କ ଖାଦ୍ୟ ପାଇଁ ଅଷ୍ଟ୍ରେଲିଆର ହାତିଆ ଘାସ ୧ଏକର ଜମିରେ ଚାଷ କରିଛନ୍ତି। ଉନ୍ନତମାନର ଗୋଖାଦ୍ୟ ଓ ଉନ୍ନତମାନର ଅଧିକ ଅର୍ଥ ବ୍ୟୟ କରି ଗୁହାଳ ନିର୍ମାଣ ସହିତ ବାଇପ୍ରୋ, ମୁଗଚୁନି, ମକା ସହିତ ଆଜୋଲା ଖାଦ୍ୟ ମଧ୍ୟ ଗାଈଙ୍କୁ ଦେଉଛନ୍ତି । ଗାଈଠାରୁ ଗୋଟିଏ ଲିଟର କ୍ଷୀର ସଂଗ୍ରହ କରିବା ପାଇଁ ୪୦ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ତାହା ବିକ୍ରୀ ମୂଲ୍ୟ ୧୦୦ ଟଙ୍କା ହେଲେ ତାଙ୍କର ଗୁଜୁରାଣ ମେଣ୍ଟନ୍ତା । ଏହି ଗାଈଠାରୁ ମିଳୁଥିବା କ୍ଷୀର ଶରୀରର ରୋଗ ପ୍ରତିଷେଧକ ଶକ୍ତି ଓ ପୁଷ୍ଟିସାର ଅଧିକ ଥିବାରୁ ଏହାର ଚାହିଦା ବାହାର ରାଜ୍ୟରେ ଖୁବ୍‌ଅଧିକ ରହିଛି। ମାତ୍ର ସ୍ଥାନୀୟ ଅଂଚଳରେ ଏ ସମ୍ପର୍କରେ ଲୋକେ ଅବଗତ ନଥିବାରୁ ବ୍ୟବସାୟିକ ସଫଳତା ମିଳିପାରୁନାହିଁ ବୋଲି ସେ କହିଛନ୍ତି। ମିକୁ ଜଣେ ଆଧ୍ୟାତ୍ମିକ ଯୁବକ ହୋଇଥିବାରୁ ପ୍ରତିଦିନ ବ୍ରାହ୍ମଣୀଗାଁ ଛକ ନିକଟରେ ଥିବା ପ୍ରସିଦ୍ଧ ହନୁମାନ ମନ୍ଦିରକୁ ଦିଅଁ ଦର୍ଶନ କରିବା ସହିତ ପୂଜାଅର୍ଚ୍ଚନା କରିବା ପାଇଁ ଯାଆନ୍ତି । ହେଲେ ଠାକୁରଙ୍କୁ ଭଲ କ୍ଷୀର ଓ ଭଲ ଘିଅଟିକେ ପାଇ ତାଙ୍କୁ ହନ୍ତସନ୍ତ ହେବାକୁ ପଡିଥିଲା । ଯେଉଁଥିପାଇଁ ସେ ନିଜେ ଗାଈ ରଖି ସେଥିରୁ ଅର୍ଥ ରୋଜଗାର କରିବା ସହିତ ଠାକୁରଙ୍କୁ ଶୁଦ୍ଧ ଘିଅ ଓ ଭଲ କ୍ଷୀର ଦେଇପାରିବେ ବୋଲି ଚିନ୍ତା କରିଥିଲେ। ନିକଟରେ ଗୁଜୁରାଟର ଏନ.ଡି.ଡି.ବି ଟିମ୍ ଓ ଓମଫେଡ୍‌ର ବରିଷ୍ଠ କର୍ମଚାରୀମାନେ ମିକୁଙ୍କ ଡାଏରୀ ଫାର୍ମକୁ ପରିଦର୍ଶନ କରି କେନ୍ଦ୍ର ସରକାରଙ୍କ ଗୋପାଳନରତ୍ନ ସମ୍ବର୍ଦ୍ଧନାରେ ସମ୍ବର୍ଦ୍ଧିତ କରିବା ପାଇଁ ସମସ୍ତ ତଥ୍ୟ ସଂଗ୍ରହ କରି ଫେରିଛନ୍ତି। ଏହି ଟିମ୍ ମିକୁଙ୍କ ଫାର୍ମ ପରିଦର୍ଶନ କରି ଖୁବ ପ୍ରସଂଶା କରିଛନ୍ତି। ଏହି ଗୋ ସେବା ପାଇଁ ପିତା ମାତା ଓ ନିଜ ଗୁରୁ ସଦାସର୍ବଦା ପ୍ରେରଣା ଯୋଗାଇ ଆସିଛନ୍ତି । ଭବିଷ୍ୟତରେ ଏକ ଗୋଶାଳା କରି ବୁଲା ଗୋରୁ ଗାଈଙ୍କୁ ସୁରକ୍ଷା ଓ ସେବା ଦେବାର ଯୋଜାନ ରଖିଛନ୍ତି ମିକୁ । ଏହି ଅବସରରେ ମିକୁଙ୍କୁ ବହୁ ଅନୁଷ୍ଠାନ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ରିପୋର୍ଟ- ପ୍ରଦୀପ୍ତ କୁମାର ମହାନ୍ତି ।

ଶିଶୁ ଅଧିକାର ସପ୍ତାହ ପାଳନ ଅବସରରେ ଶିଶୁ ପାଇଁ ଦିନଟିଏ

ଭୁବନେଶ୍ୱର୧୩/୧୧ (ନି.ପ୍ର): ଶିଶୁ ହସିଲେ, ଦୁନିଆ ହସେ। ତେଣୁ ପ୍ରତ୍ୟେକ ଶିଶୁ ମୁହଁରେ ହସ ଭରିଦେବା ପାଇଁ ସ୍ୱେଚ୍ଛାସେବୀ ସେବାକେନ୍ଦ୍ର ଭୁବନେଶ୍ୱର ତରଫରୁ ଶିଶୁ ଅଧିକାର ସପ୍ତାହ ପାଳନ ଅବସରରେ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ସ୍ଥାନୀୟ ବୁଦ୍ଧମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଓଏସ୍‌ସିପିସିର ସଦସ୍ୟା ଦିବ୍ୟା ଶାଶ୍ୱତୀ ଯୋଗ ଦେଇ ଛାତ୍ରଛାତ୍ରୀଙ୍କର ଏକ ଉତମ ଭବିଷ୍ୟତ ଏବଂ ଶିଶୁ ଶ୍ରମିକ ଦୂର କରି, ଶିଶୁ ଶିକ୍ଷାକୁ ଗୁରତ୍ୱ ଦେବା ଉପରେ ଆଲୋକପାତ କରିଥିଲେ। ସମାଜସେବୀ ସମ୍ବିତ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏକ ସୁନ୍ଦର ପରିବେଶ ପାଇଁ ଶିଶୁମାନେ ଆଗକୁ ଆସନ୍ତୁ ବୋଲି କହିଥିଲେ। ସ୍ୱେଚ୍ଛାସେବୀ ସେବା କେନ୍ଦ୍ରର ସମ୍ପାଦକ ବାପି ନାୟକ କହିଥିଲେ ଯେ, ସମାଜରୁ ସମସ୍ତ ଶିଶୁ ଶ୍ରମିକ ଓ ବାଲ୍ୟବିବାହକୁ ବନ୍ଦ କରିବା ଦରବାର। ଏଥିପାଇଁ ପ୍ରତ୍ୟେକ ସଚେତନ ନାଗରିକଙ୍କ ଠାରୁ ଆରମ୍ଭ କରି ଯୁବପିଢିମାନେ ଧ୍ୟାନ ଦେବା ଉଚିତ୍। ଏହି ଅବସରରେ ଭୁବନେଶ୍ୱରର ବିଭିନ୍ନ ବିଦ୍ୟାଳୟରେ ଅନ୍‌ଲାଇନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୩୦ଜଣ କୃତି ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସନ୍ତୋଷ କୁମାର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସ୍ୱୟଂ ସମ୍ପତ ସ୍ୱାଗତ ଭାଷଣ ଦେଇଥିବା ବେଳେ ବୀଣାପାଣି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ରୂପାଲି ଦଳାଇ, ପ୍ରିୟରଞ୍ଜନ ଉଡ଼ାନସିଂ, ଭାଗିରଥୀ ନାୟକ, ରାଜେନ୍ଦ୍ର ବିଶ୍ୱାଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ବାଲେଶ୍ୱରରେ ବିଶାଳ ଆଇନସେବା ଶିବିର

ବାଲେଶ୍ୱର,୧୩/୧୧ (ନି.ପ୍ର): ଜାତୀୟ ଆଇନସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଜିଲା ଆଇନସେବା ପ୍ରାଧିକରଣ ଓ ବାଲେଶ୍ୱର ଜିଲା ପ୍ରଶାସନର ମିଳିତ ସହଯୋଗରେ ଏକ ବିଶାଳ ଆଇନସେବା ଶିବିର ସହରର ବ୍ରିଟ କଲ୍ୟାଣମଣ୍ଡପ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଏବଂ ଦୌରା ଜଜ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଭଗବାନ ପ୍ରଧାନ ଆନୁଷାନିକ ଭାବେ ଏହି ଶିବିରକୁ ଉଦଘାଟନ କରିଥିଲେ। ନ୍ୟାୟ ପ୍ରଦାନଠାରୁ ଆରମ୍ଭ କରି ସରକାରୀ ଯୋଜନାର ସୁଫଳ ପହଞ୍ଚାଇବା ପାଇଁ ଜନସାଧାରଣଙ୍କୁ ସଚେତନ କରିବାରେ ଏହି ଶିବିର ବେଶ ସହାୟକ ହୋଇ ପାରିଛି ବୋଲି ସେ କହିଥିଲେ। ବାଲେଶ୍ୱର ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଜିଲା ଓକିଲ ସଂଘ ସଭାପତି ମନୋଜ କୁମାର ନାୟକ ପ୍ରମୁଖ ଏଥିରେ ଯୋଗଦେଇ ଆଇନସେବା ପ୍ରଧିକରଣର ଏତାଦୃଶ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ଏହା ଦ୍ୱାରା ସାଧାରଣ ଲୋକେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତି ହେବା ସହିତ ଏହାର ସୁଫଳ ପାଇଁ ସୁଯୋଗ ପାଇପାରିବେ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ବାଲେଶ୍ୱର ଜିଲା କୋର୍ଟର ଅନ୍ୟାନ୍ୟ ବିଚାର ବିଭାଗୀୟ ଅଧିକାରୀ, ଜିଲା ପ୍ରଶାସନର ପ୍ରଶାସନିକ ଏବଂ ବିଭାଗୀୟ ଅଧିକାରୀମାନେ ଶିବିର ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ, ଜିଲା ମଙ୍ଗଳ ଅଧିକାରୀ, ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ଉଦ୍ୟାନ ବିଭାଗ, କୃଷି ବିଭାଗ, ମତ୍ସ୍ୟ ବିଭାଗ, ପରିବହନ ବିଭାଗ, ଶ୍ରମ ଏବଂ କର୍ମଚାରୀ ରାଜ୍ୟବୀମା ବିଭାଗ, ରାଜସ୍ୱ ବିଭାଗ ଏବଂ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ଏଥିରେ ଏକାଧିକ ଷ୍ଟଲ ଖୋଲାଯାଇ ଯୋଗ୍ୟ ହିତାଧିକାରୀମାନଙ୍କୁ ଚିହ୍ନଟ ସହ ସରକାରଙ୍କର ବିଭିନ୍ନ ଯୋଜନା ମାଧ୍ୟମରେ ସହାୟତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ରୋଟାରୀ କ୍ଲବର ମିଳିତ ସହଯୋଗରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଆଇଜୀବୀ ସାଇରୁଲ ହକ, ପ୍ୟାନେଲ ଲୟର ଏବଂ ପାରାଲିଗାଲ ସ୍ୱେଚ୍ଛାସେବୀମାନେ ଏହି ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ଏହି ଆଇନସେବା ଶିବିରକୁ ଜିଲା ଆଇନସେବା ପ୍ରାଧିକରଣ ସଚିବ ବିଷ୍ଣୁଦେବ ଜେନା ପରିଚାଳନା କରିଥିବା ବେଳେ ରିଟେନର ସତ୍ୟେନ୍ଦ୍ର ଉମାଶଙ୍କର ରାଉତ ମଞ୍ଚ ପରିଚାଳନା କରିଥିଲେ ।

ନୂଆବଜାର ଲେଭେଲ୍ କ୍ରସିଂ ଉଡନ୍ତା ପୋଲରେ ପଡିଲା ଲୁହା ସ୍ଲାବ

ଖଡଗପୁର-ବାଲେଶ୍ୱର ମଧ୍ୟରେ ରେଳ ଚଳାଚଳ ବନ୍ଦ : ଘଟଣାସ୍ଥଳରେ ଉଚ୍ଚ କର୍ମକର୍ତ୍ତା

ଜଳେଶ୍ୱର, ୧୩/୧୧(ନିପ୍ର): ଦକ୍ଷିଣପୂର୍ବ ରେଳ ପଥର ଖଡଗପୁର-ଭଦ୍ରକ ରେଳ ସେକ୍‌ସନର ଜଳେଶ୍ୱର ନୂଆବଜାରଠାରେ ଏକ ରେଳ ଓଭର ବ୍ରିଜ୍ ନିର୍ମାଣ କାର୍ଯ୍ୟ ଦୀର୍ଘ ୩ବର୍ଷ ଧରି ଚାଲିଛି । ରେଳବାଇ ସ୍ଥାନରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବାରୁ ଆଜି ରେଳ ଧାରଣର ଉଭୟ ପଟେ ଥିବା ପିଲର ଉପରେ ଲୁହା ସ୍ଲାବ ପଡିବାରୁ ଦୀଘ ୩.୩୦ମି ଧରି ଖଡଗପୁର-ବାଲେଶ୍ୱର ମଧ୍ୟରେ ସମସ୍ତ ରେଳ ଚଳାଚଳ ବନ୍ଦ ରହିଥିଲା । ଗତ କିଛିଦିନ ଧରି ରେଳ ସ୍ଲାବ ପଡିବାଲାଗି ସବୁ ବନ୍ଦବସ୍ତ ହୋଇଥିଲେ ମଧ୍ୟ ବିଭାଗୀୟ କର୍ମକର୍ତ୍ତାଙ୍କ ରେଳ ଚଳାଚଳ ବନ୍ଦ ଲାଗି ନିର୍ଦ୍ଦେଶ ନ ଥିବାରୁ ତାହା ହୋଇ ପାରିନଥିଲା । ଆଜି ସଜାକଳ ୭.୩୦ମି. ରେଳ ଚଳାଚଳ ବନ୍ଦ ହୋଇଥିବା ବେଳେ ୧୧.୪୦ମିରେ ଭୁବନେଶ୍ୱରପଟୁ ଜନଶତାବ୍ଦି ଓ ହିଜିଲି ପଟୁ ସମ୍ପର୍କକ୍ରାନ୍ତି ଜଳେଶ୍ୱରରେ ପହଞ୍ଚିଥିଲା । ରେଳ- ବିଦ୍ୟୁତ୍ ଚଳାନା ବନ୍ଦ ରଖାଯାଇଥିବାରୁ ରେଳ ଚଳାଚଳ ବନ୍ଦ ହୋଇଥିଲା ବୋଲି ବିଭାଗୀୟ ସ୍ଥାନୀୟ କମକର୍ତ୍ତା କହିଛନ୍ତି । ୬ଟି ଲୁହା ସ୍ଲାବକୁ ୩ଟି କେନ୍ ଦ୍ୱାରା ପିଲର ଉପରେ ରଖାଯିବାପରେ ଦିନ ତମାମ ଅଧିକାରୀମାନେ ପରିକ୍ଷା ନିରିକ୍ଷା କରିଥିଲେ । ଏହି କାର୍ଯ୍ୟ ଚାଲିଥିବା ବେଳେ ଦକ୍ଷିଣ-ପୂର୍ବ ରେଳ ପଥର ଚିଫ ଇଞ୍ଜିନିୟକର (ନିର୍ମାଣ) ବମ୍ ବମ୍ ପାଣ୍ଡେ, ସହକାରୀ ଇଞ୍ଜିନୀୟକର (ନିର୍ମାଣ) ସଂଜିବ କୁମାର ସିହ୍ନା, ଜଳେଶ୍ୱର ଷ୍ଟେସନ ମ୍ୟାନେଜର ଖଗେନ୍ଦ୍ର ନାଥ ମଣ୍ଡଳ ଘଟଣା ସ୍ଥଳରେ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୋଲ ନିମାଣ ସମ୍ପର୍କୀୟ ଇଞ୍ଜିନୀୟର, ଆର୍‌ପିଏଫ, ଆୟଡବ୍ଲୁ, ପିଡବ୍ଲୁଆଇର କର୍ମକର୍ତ୍ତାମାନେ ଘଟଣାସ୍ଥଳରେ ଉପସ୍ଥିତ ଥିଲେ ।

ଆଜିଠୁ ଦୁଇଦିନ ବନ୍ଦ ରହିବ ଶ୍ରୀମନ୍ଦିର

ପୁରୀ,୧୩/୧୧ (ନି.ପ୍ର): ରବିବାର ଓ ସୋମବାର ଦର୍ଶନାର୍ଥୀମାନଙ୍କ ପାଇଁ ଶ୍ରୀମନ୍ଦିର ବନ୍ଦ ରହିବ। ପ୍ରତ୍ୟେକ ରବିବାର ଶ୍ରୀମନ୍ଦିର ପରିସର ସାନିଟାଇଜ୍ କରାଯାଉଥିବାରୁ ଆସନ୍ତାକାଲି ଦର୍ଶନାର୍ଥୀଙ୍କ ପାଇଁ ଶ୍ରୀମନ୍ଦିର ବନ୍ଦ ରହିବ। ସୋମବାର ବଡ଼ ଏକାଦଶୀ ପଞ୍ଚକ ଆରମ୍ଭ। ତେବେ ମହାମାରୀ କରୋନା ସଂକ୍ରମଣ ବୃଦ୍ଧି ଏଡ଼ାଇବା ଲାଗି ଶ୍ରୀମନ୍ଦିର ପ୍ରଶାସନର ପୂର୍ବ ନିଷ୍ପତ୍ତି ଅନୁଯାୟୀ ବଡ଼ ଏକାଦଶୀ ଦିନ ମଧ୍ୟ ଦର୍ଶନାର୍ଥୀଙ୍କ ପାଇଁ ଶ୍ରୀମନ୍ଦିର ବନ୍ଦ ରହିବ।

ପୁରୀ ସହିତ ଜଗନ୍ନାଥଙ୍କ ନାମ ଯୋଡ଼ିବା ଦାବି

ପୁରୀ,୧୩/୧୧ (ନି.ପ୍ର): ପୁରୀର ନାମ ପରିବର୍ତ୍ତନକୁ ପ୍ରସ୍ତାବକୁ ନେଇ ବିତର୍କର ସୂତ୍ରପାତ ହୋଇଛି। ବିଭିନ୍ନ ସଂଗଠନ ପକ୍ଷରୁ ପୁରୀ ନାମ ଜଗନ୍ନାଥ ପୁରୀ କରାଯିବା ଲାଗି ଜିଲ୍ଲାପ୍ରଶାସନ ଜରିଆରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। କେବେଳ ସ୍ମାରକପତ୍ରରେ ନୁହେଁ ବରଂ